





## ବଟରଫ୍ଲାଏ ଚିକେନ୍

**ଆବଶ୍ୟକ ସାମଗ୍ରୀ:** ଆଳୁ, ବୋନ୍ଲେସ୍ ଚିକେନ୍, କର୍ଣ୍ଣଫ୍ଲୋର୍, ମଇଦା, ଲଙ୍କାଗୁଣ୍ଡ, ବିଟ ଲୁଣ, ଗୋଲମରିଚ ଗୁଣ୍ଡ, ଲୁଣ, ରେଡ୍ ଚିଲି ସସ୍, ସୋୟା ସସ୍, ଅଦା-ରସୁଣ ବଟା, ବଟର, ଲେମ୍ବୁରସ ଓ ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁରୁ ଚୋପା ଛଡ଼େଇ ପତଳା ପତଳା ଓ ଚେକା ଚେକା କରି କାଟି ରଖନ୍ତୁ। ଏହା ପରେ ବୋନଲେସ ଚିକେନକୁ ଧୋଇ ସେଥିରେ କର୍ଣ୍ଣଫ୍ଲୋର୍, ମଇଦା, ଲଙ୍କାଗୁଣ୍ଡ, ବିଟ ଲୁଣ, ଗୋଲମରିଚ ଗୁଣ୍ଡ ଓ ଲୁଣ ପକାନ୍ତୁ। ଏହାପରେ ସେଥିରେ ରେଡ୍ ଚିଲି ସସ୍, ସୋୟା ସସ୍, ଅଦା-ରସୁଣ ବଟା, ବଟର ଓ ଲେମ୍ବୁରସ ପକାଇ ଭଲଭାବେ ଗୋଳାଇ ମ୍ୟାରିନେଟ୍ ହେବାକୁ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ କଟା ଯାଇଥିବା ଆଳୁଖଣ୍ଡରେ ମ୍ୟାରିନେଟ୍ ଚିକେନ୍ ରଖି ଆଳୁକୁ ଦୁଇପଟୁ ମୋଡ଼ି କାଠି ଦ୍ୱାରା ଗୁନ୍ଥି ଦିଅନ୍ତୁ। ଏହା ପରେ କଡ଼େଇରେ ତେଲ ଗରମ କରି ଏହି ଚିକେନ୍ ପୁର ଦିଆ ଆଳୁକୁ ଛାଣନ୍ତୁ। ଆଳୁ ଓ ପୁର ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା "ବଟରଫ୍ଲାଏ ଚିକେନ୍'



### ଖବର

## ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ ଜିତିଲେ ରିୟା ସିଂଘା




ଗୁଜରାଟୀ ମଡେଲ ରିୟା ସିଂଘା(୧୯) 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରିଛନ୍ତି। ରବିବାର ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪'ର ଗ୍ରାଣ୍ଡ ଫିନାଲେରେ ସେ ୫୧ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ତଥା ଅଭିନେତ୍ରୀ ଉର୍ବଶୀ ରୌତେଲା ରିୟାଙ୍କୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୧୬ରେ ମେକ୍ସିକୋ ରାଜଧାନୀ ମେକ୍ସିକୋ ସିଟିରେ ଆୟୋଜିତ ହେବାକୁ ଥିବା ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ରିୟା ଭାରତର ପ୍ରତିନିଧିତ୍ୱ କରିବେ। ରିୟା କହିଛନ୍ତି, 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୪' ଟାଇଟଲ ହାସଲ କରି ସେ ଗର୍ବ ଅନୁଭବ କରୁଛନ୍ତି। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ପୂର୍ବ ବିଜେତାମାନଙ୍କଠାରୁ ସେ ଅନୁପ୍ରାଣିତ ହୋଇଥିଲେ ବୋଲି ରିୟା କହିଛନ୍ତି। ସଫଳତା ପାଇଁ ରିୟାଙ୍କୁ ସୋସିଆଲ ମିଡିଆରେ ବହୁ ସେଲିବ୍ରିଟି ଅଭିନନ୍ଦନ ଜଣାଇବା ସହ 'ମିସ୍ ୟୁନିଭର୍ସ ୨୦୨୪' ପ୍ରତିଯୋଗିତା ପାଇଁ ଶୁଭକାମନା ମଧ୍ୟ ଜଣାଇଛନ୍ତି।

## ଚୁଟି ନ ପାଚିବାର ଘରୋଇ ଉପାୟ



କେଶ ପାଇଁ ବହୁତ ଲାଭଦାୟକ ହୋଇଥାଏ ସୋରିଷ ତେଲ । ଏହା କେଶକୁ ମଜଭୂତ କରାଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି, ସୋରିଷ ତେଲ ସହ ମେହେନ୍ଦି ମିଶାଇ ଲଗାଇବା ଦ୍ୱାରା କେଶ ଘନ ଏବଂ କଳା ହେବା ସହିତ ପୋଷଣ ମଧ୍ୟ ମିଳିଥାଏ । ଆଜି ଆମେ ଆପଣଙ୍କୁ ସୋରିଷ ତେଲ ଓ ମେହେନ୍ଦିର ବ୍ୟବହାର ବିଷୟରେ କହିବୁ । ଆବଶ୍ୟକ ସାମଗ୍ରୀ : କପ୍ ସୋରିଷ ତେଲ, ବଡ଼ ଚାମଚ ହିନା ପାଉଡର କିମ୍ବା ମେହେନ୍ଦି ପତ୍ର, ଗ୍ୟାସ୍ ଉପରେ ଲୁହା କଡ଼େଇ ବସାନ୍ତୁ ଏବଂ ଏଥିରେ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ଗ୍ୟାସରେ ଆଞ୍ଚକୁ କମ୍ କରିଦିଅନ୍ତୁ । ସେଥିରେ ହିନା ପାଉଡର ପକାନ୍ତୁ । ତେଲ ଫୁଟିବା ଯାଏ ଏହାକୁ ଗରମ କରନ୍ତୁ ଏବଂ ଲଗାତାର ଘାଣ୍ଟନ୍ତୁ । ଯେତେବେଳେ ତେଲ ସମ୍ପୂର୍ଣ୍ଣ କଳା ହୋଇଯିବ ଏବଂ ମେହେନ୍ଦି ସେଥିରେ ମିଶିଯିବ, ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ତେଲ କଡ଼େଇକୁ ୧ ମିନିଟ୍ ଯାଏ ଢାଙ୍କି ରଖିଦିଅନ୍ତୁ । ତେଲ ଥଣ୍ଡା ହୋଇଗଲା ପରେ ଏହାକୁ ଛାଣି ଏକ ଶିଶିରେ ରଖନ୍ତୁ । ଏବେ ଆପଣଙ୍କ ମିଶ୍ରଣ ପ୍ରସ୍ତୁତ ହୋଇଗଲା । କେଶ ଅଧିକ ପାଚୁଥିଲେ ଏହାକୁ ବ୍ୟବହାର କରିପାରିବେ ।

## ଘରୁ ନକାରାତ୍ମକ ଶକ୍ତି ଦୂର କରେ ଲବଙ୍ଗ



ଲବଙ୍ଗକୁ ଏକ ପବିତ୍ର ଜିନିଷ ଭାବରେ ଗ୍ରହଣ କରାଯାଏ। ପୂଜାପାଠରେ ଲବଙ୍ଗର ଏକ ବିଶେଷ ମହତ୍ତ୍ୱ ରହିଛି। ଲବଙ୍ଗ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ। ଏହା ସହିତ ଲବଙ୍ଗ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ଉତ୍ପନ୍ନ କରିଥାଏ ବୋଲି କୁହାଯାଏ। ତା'ହେଲେ ଘରୁ ନକାରାତ୍ମକ ଶକ୍ତି ଦୂର କରିବାକୁ ଏହାକୁ କେମିତି ବ୍ୟବହାର କରିବେ ? ଏହା ଅତି ସହଜ। ଆସନ୍ତୁ ସେ ବିଷୟରେ ଜାଣିବା। ଶନିବାର କିମ୍ବା ରବିବାର ସନ୍ଧ୍ୟାରେ ୫ଟି ଲବଙ୍ଗ, ୩ଟି କର୍ପୂର ଓ ୩ଟି ଅଳେଇଚକୁ ଏକ ମାଟି ଅବା ପିତଳ ପାତ୍ରରେ ରଖି ସେଥିରେ ଅଗ୍ନି ସଂଯୋଗ କରନ୍ତୁୟ ନିଆଁ ଜଳୁଥିବା ସମୟରେ ଏହାକୁ ଘରର ସବୁ ରୁମରେ ବୁଲାନ୍ତୁ। ଏହାପରେ ପାଉଁଶକୁ ମୁଖ୍ୟ ଦ୍ୱାରରେ ଖେଳେଇ ରଖନ୍ତୁ। ଆପଣ ଚାହିଁଲେ , ଲବଙ୍ଗ ପାଉଁଶରେ ପାଣି ମିଶାଇ ମଧ ଘରର ସମସ୍ତ ରୁମରେ ଛିଞ୍ଚି ପାରିବେ। ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ଶନିବାର ଦିନ ଏକ ତେଲ ଦୀପରେ ତିନି ଚାରୋଟି ଲବଙ୍ଗ ପକାଇ ସେଥିରେ ଅଗ୍ନି ସଂଯୋଗ କରନ୍ତୁ। ଏହାକୁ ଘରର ଏକ ଅନ୍ଧାର କୋଣରେ ରଖି ଦିଅନ୍ତୁ। ଏହା ଘରୁ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ। ଘରେ ସବୁବେଳେ ରୋଗବେମାର ଲାଗି ରହୁଥିଲେ, ତାକୁ ଦୂର କରିଥାଏ।

ଯଦି ଆପଣ ଘରେ ସୁଖ ସମୃଦ୍ଧି ଚାହୁଁଛନ୍ତି, ତେବେ ଲବଙ୍ଗ ଗଛ ଲଗାନ୍ତୁ। କିଛି ଲବଙ୍ଗ ସର୍ବଦା ନିଜ ପର୍ସରେ ରଖନ୍ତୁ। ଏହାଦ୍ୱାରା ଅନେକ ଲାଭ ମିଳିଥାଏ।

## କେମିତି କରିବେ ଶିରିଡି ସାଇ ବାବାଙ୍କ ପୂଜା



ଶିରିଡି ସାଇ ବାବାଙ୍କୁ ଯିଏ ଶ୍ରଦ୍ଧାର ସହ ପୂଜା କରିଥାଏ, ତାଙ୍କୁ ସ୍ମରଣ କରେ ବାବା ସେମାନଙ୍କ ଉପରେ ସର୍ବଦା ନିଜ କୃପା ଦୃଷ୍ଟି ରଖିଥାନ୍ତି ବୋଲି କୁହାଯାଏ। ଗୁରୁବାର ଦିନ ସାଇ ବାବାଙ୍କୁ ସମର୍ପିତ। ମନୋସ୍କାମନା ପୂର୍ତ୍ତି ପାଇଁ ଲୋକେ ଗୁରୁବାର ଦିନ ସାଇ ବାବାଙ୍କ ବ୍ରତ ପାଳନ କରନ୍ତି। ପ୍ରତ୍ୟେକ ଜାତି ବା ଧର୍ମର ବ୍ୟକ୍ତି ସାଇ ବାବାଙ୍କ ଆରାଧନା କରିପାରିବେ। ସାଇ ବାବା ସମସ୍ତଙ୍କ ମନୋସ୍କାମନା ପୂରଣ କରନ୍ତି। ବାବାଙ୍କ ବିଶେଷ କୃପା ପାଇବା ପାଇଁ କେମିତି ପୂଜା କରିବେ ଜାଣନ୍ତୁ। ପୂଜା କରିବା ପରେ ବାବାଙ୍କ କଥା ନିଶ୍ଚୟ ପଢନ୍ତୁ ଓ ଆଳତି କରନ୍ତୁ। ସାଇ ବାବାଙ୍କର ଗୋଟିଏ ହିଁ ମୂଳମନ୍ତ୍ର- 'ସମସ୍ତଙ୍କର ମାଲିକ ଜଣେ' ବା 'ସବକା ମାଲିକ ଏକ ହୈ' । ବାବାଙ୍କ ବ୍ରତ ବହୁତ ସହଜ ଓ ସରଳ । ଗୁରୁବାର ଦିନ ବ୍ରହ୍ମ ମୁହୂର୍ତ୍ତରେ ବିଛଣା ତ୍ୟାଗ କରି ନିତ୍ୟକର୍ମ ଓ ସ୍ନାନ ଆଦି ସାରି ସର୍ବ ପ୍ରଥମେ ବାବାଙ୍କ ଧ୍ୟାନ କରିବା ଉଚିତ। ଧ୍ୟାନ କରି ବ୍ରତ ସଂକଳ୍ପ ନେବା ଉଚିତ। ଏହାପରେ ମୂର୍ତ୍ତି କିମ୍ବା ଫଟୋ ସ୍ଥାପନ କରି ଗଙ୍ଗାଜଳରେ ଶୁଦ୍ଧ କରି ହଳଦିଆ ବସ୍ତ୍ର ଧାରଣ କରାଇବା ଉଚିତ । ଏହା ପରେ ପୁଷ୍ପ, ରୋଲି ଓ ଚନ୍ଦନ ଅର୍ପଣ କରନ୍ତୁ। ଦିପ ନୈବେଦ୍ୟ ଅର୍ପଣ କରିବେ। ଏହାପରେ ଶୁଦ୍ଧ ଘିଅର ଦୀପ ଜାଳି ବାବାଙ୍କ ଧ୍ୟାନ କରିବା ଉଚିତ । ବାବାଙ୍କ ପାଖରେ ବେସନ ଲଡୁ, ପେଡା କିମ୍ବା ଯେକୌଣସି ହଳଦିଆ ମିଠା ଭୋଗ କରିପାରିବେ। ଏହାପରେ ହାତରେ ଫୁଲ ଧରି ବାବାଙ୍କ କଥା ପଢିବା କିମ୍ବା ଶୁଣିବା ଉଚିତ। ଏହାପରେ ବାବାଙ୍କୁ ନିଜ ମନୋସ୍କାମନା ଜଣାଇ ଶେଷରେ ପ୍ରସାଦ ବିତରଣ କରିବା ଉଚିତ। ପ୍ରସାଦ ଗରିବଙ୍କୁ ବାଣ୍ଟିବା ଉଚିତ। ଏଥିରେ ବାବା ପ୍ରସନ୍ନ ହୋଇଥାନ୍ତି । ଗୁରୁବାର ଦିନ ଅଭାବୀ କିମ୍ବା ଆବଶ୍ୟକୀୟ ଲୋକଙ୍କୁ କିଛି ଦାନ କରିପାରିଲେ ବହୁତ ଭଲ।



## କଣ କୁହେ ପାପୁଲିର ଏମ ଅକ୍ଷର ...

ମଣିଷ କାହିଁ କେଉଁ ଯୁଗରୁ ଭାଗ୍ୟ ଓ ଜ୍ୟୋତିଷଶାସ୍ତ୍ର ଉପରେ ବିଶ୍ୱାସ କରି ଆସୁଛି। ଆଜି ମଧ୍ୟ ବିଶ୍ୱାସ କରୁଛି। ଏହି ଜ୍ୟୋତିଷ ଶାସ୍ତ୍ରରେ ଆମ ଭାଗ୍ୟ ଓ ଭବିଷ୍ୟତର ସୂଚନା ମିଳିଥାଏ। ତେବେ ହସ୍ତ ରେଖାରୁ ମଧ୍ୟ ଏହାର ସୂଚନା ମିଳେ। ଆଜି ଆସନ୍ତୁ ହସ୍ତ ରେଖାରୁ କିଛି ଜାଣିବା।



ଆମ ହାତରେ ଚାରୋଟି ମୁଖ୍ୟ ରେଖା ଥାଏ । ଜୀବନ ରେଖା, ମସ୍ତିଷ୍କ ରେଖା, ହୃଦୟ ରେଖା ଏବଂ ଭାଗ୍ୟ ରେଖା । ଏହି ୪ଟି ରେଖା ମଣିଷ ଜୀବନରେ ସର୍ବାଧିକ ପ୍ରଭାବ ପକାଇଥାଏ ।ଯଦି ଏହି ଚାରି ରେଖା ସ୍ପଷ୍ଟ ଥାଏ ତେବେ ସେହି ବ୍ୟକ୍ତି ରାଜା ଭଳି ଜୀବନଯାପନ କରିଥାନ୍ତି ବୋଲି ବିଶ୍ୱାସ କରାଯାଏ। ଅନ୍ୟପକ୍ଷରେ ଏହି ଚାରୋଟି ରେଖା ଏକତ୍ର ହୋଇ ଉପରୋକ୍ତ ଚିତ୍ର ଅନୁଯାୟୀ ଇଂରାଜୀ ଭାଷାର ଏମ ଅକ୍ଷର ଭଳି ଆକାର ହୋଇଥାନ୍ତି, ତାହେଲେ ସେହି ବ୍ୟକ୍ତି ନିଃସନ୍ଦେହରେ କୋଟିପତି ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଏପରି ବ୍ୟକ୍ତି ଭଗବାନଙ୍କର ଅତି ପ୍ରିୟ ଅଟନ୍ତି। ଏହି ବ୍ୟକ୍ତିମାନଙ୍କୁ ଆଦର୍ଶ ବ୍ୟକ୍ତି ଭାବରେ ବିବେଚନା କରାଯାଏ। ଏହିପରି ଲୋକମାନେ ଅତି ନିର୍ଭୀକ, ଇଶ୍ୱରବିଶ୍ୱାସୀ , ବୁଦ୍ଧିମାନ, ସଚ୍ଚୋଟ ଏବଂ ସଫଳ ଅଟନ୍ତି । ଏମାନଙ୍କ ହୃଦୟ ବେଶ ପରିଷ୍କାର ବା ନିଷ୍କପଟ। ଏପରି ହସ୍ତରେଖାର ବ୍ୟକ୍ତିମାନେ ଯେଉଁ କାମ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତାକୁ ସର୍ବଦା ସଂପୂର୍ଣ୍ଣ କରିଥାନ୍ତି। ଯଦିଓ ସମଗ୍ର ବିଶ୍ୱ ସେମାନଙ୍କ ବିରୁଦ୍ଧରେ ଥାଏ ତଥାପି ବି ସେମାନେ ପଛଘୁଞ୍ଚା ନ ଦେଇ କାର୍ଯ୍ୟ ପୁରା କରିଥାନ୍ତି । ଏମାନେ ଜଣେ ସଚ୍ଚୋଟ ଜୀବନସାଥୀ ପାଇଥାନ୍ତି ଏବଂ ବ୍ୟବସାୟରେ ତାଙ୍କ ଜୀବନସାଥୀ ତାଙ୍କୁ ପୁରା ସହଯୋଗ କରିଥାନ୍ତି। ଏମାନେ ଯାହା ସହ ବନ୍ଧୁତା ସ୍ଥାପନ କରନ୍ତି ସେମାନଙ୍କ ଭାଗ୍ୟ ଖୋଲିଯାଏ। ଯଦି ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ଏମ ଅକ୍ଷର ପାଆନ୍ତି ତେବେ ଏହାର ଅର୍ଥ ହେଉଛି ସେମାନେ ଦୁନିଆର ସବୁଠାରୁ ଭାଗ୍ୟଶାଳୀ ଦମ୍ପତି। ସେମାନଙ୍କର ଯୋଡି ଏକ ଆଦର୍ଶ ଯୋଡି ।

# ଇସ୍ପାତ ଓ ଖଣି ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୯ (ମହାଭାରତ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଇସ୍ପାତ ଓ ଖଣି ବିଭାଗର କାର୍ଯ୍ୟାବଳୀ ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷାରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ବିଭାଗର କାର୍ଯ୍ୟ ବିଷୟରେ ଅବଗତ କରାଇବା ସହିତ ଆଗାମୀ ଲକ୍ଷ୍ୟ ବାବଦରେ ସୂଚନା ଦେଇଥିଲେ । ବୈଠକରେ ଖଣିଭିତ୍ତିକ ଶିକ୍ଷାନୁଷ୍ଠାନ ପାଇଁ ଖଣି ଗୁଡିକର ସୁପରିଚାଳନା କରି ଉତ୍ପାଦନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଆରୋପ କରିଥିଲେ । ଏଥିସହିତ ରାଜ୍ୟରେ ଖଣି ରାଜସ୍ୱର ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବେନିୟମ ଖଣି ଖନନ ଓ ଖଣିଜ ପଦାର୍ଥର ଚୋରିକୁ ରୋକିବା ପାଇଁ ଅଧିକ ମାନବ ସମ୍ବଳ ସହିତ ପ୍ରବର୍ତ୍ତନ ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ସେ ପରାମର୍ଶ ଦେଇଥିଲେ । ଲଘୁ ଖଣିଜ ପଦାର୍ଥ କ୍ଷେତ୍ରରେ ଅଧିକ ଲିଜ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।



ସୂଚନାଯୋଗ୍ୟ ଯେ ରାଜ୍ୟରେ ପରିଲକ୍ଷିତ ଭୂତାତ୍ତ୍ୱିକ ସମ୍ଭାବନା ଅଂଚଳ ୫୫,୦୦୩ ବର୍ଗ କିଲୋମିଟର। କ୍ରୋମାଇଟ୍, ବକ୍ସାଇଟ୍, ଲୌହ ପଥର ଭଳି ଖଣିଜ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଓଡିଶା ଦେଶରେ ଏକ ନମ୍ବର ସ୍ଥାନରେ ଅଛି। ସେହିଭଳି କୋଇଲା ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ଓ ମାଙ୍ଗାନିଜ ଉତ୍ପାଦନରେ ତୃତୀୟ ସ୍ଥାନରେ ଅଛି । ବୈଠକରେ ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ଏବଂ ଖଣି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଧାରଣାରେ କ୍ୟାପିଟାଲ ହସ୍ପିଟାଲ ସଫେଇ କର୍ମଚାରୀ

**ଭୁବନେଶ୍ୱର,୨୪।୯ (ମହାଭାରତ):** ରାଜ୍ୟର ଦ୍ୱିତୀୟ ରେଫର୍ଡ ହସ୍ପିଟାଲ ରାଜଧାନୀର କ୍ୟାପିଟାଲ ହସ୍ପିଟାଲରେ ସଫେଇ କର୍ମଚାରୀ ମାନଙ୍କ ଧାରଣା ଯୋଗୁଁ ହସ୍ପିଟାଲ ପରିସର ଦୁର୍ଗନ୍ଧରେ ଫାଟିପଡୁଛି। ହସ୍ପିଟାଲର ସବୁ ଆଡେ କୁଢ କୁଢ ଅଳିଆ। ଆବର୍ଜନା। ହସ୍ପିଟାଲର ସଫେଇ କର୍ମଚାରୀଙ୍କ ଧାରଣା ପାଇଁ ପରିସର ସଫାହୋଇପାରୁ ନାହିଁ। ଅଳିଆ। ଆବର୍ଜନାର ହସ୍ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଅବସ୍ଥା ବେହାଲ।



କ୍ୟାପିଟାଲ ହସ୍ପିଟାଲ ସଫେଇ କର୍ମଚାରୀଙ୍କ ଧାରଣା ଦୁଇ ଦିନରେ ପହଞ୍ଚିଛି। ଗତ ଦୁଇ ଦିନ ହେଲାଣି କର୍ମଚାରୀ ଧାରଣାରେ ବସିଛନ୍ତି। ପୂଜା ବୋନସ ସହ ୩୦ ଦିନର ଦରମା ଦାବିକରୁଛନ୍ତି ଏହି ସଫେଇ କର୍ମଚାରୀ । ହସ୍ପିଟାଲର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଦୁଇ ଦିନ ନ ହେଉଣୁ ହସ୍ପିଟାଲ ଯାକ ଅଳିଆ। ଗଦାହୋଇ ପଡିଛି। କାଜୁଆଲିଟିରୁ ଆରମ୍ଭ କରି ବିଭିନ୍ନ ୱାର୍ଡ, ଏମିତି କି ପରିସରର ରାସ୍ତା, ଯୁଆଡେ ଦେଖିବା ଅଳିଆ। ଆଉ ଅଳିଆ।। ଖାଦ୍ୟ ସାମଗ୍ରୀର ଉଚିଷ୍ଟ ସାଙ୍ଗକୁ ପୁଜ, ରକ୍ତ ଲାଗିଥିବା ବ୍ୟାଣ୍ଡେଜ କନା ପାଇଁ ନାକଫଟା ଗନ୍ଧ ହେବା ସହ ହସ୍ପିଟାଲର ପରିବେଶ ଦୂଷିତ ହେଉଛି। ଗୁରୁତର ରୋଗୀଙ୍କୁ ଇନ୍ଫେକ୍ସନ ହେବା ଆଶଙ୍କା ସୃଷ୍ଟି ହେଲାଣି। ନିଜ ଜିଦରେ ଅଡିବସିଛନ୍ତି ସଫେଇ କର୍ମଚାରୀ। ଯାହାକୁ ନେଇ ଚିନ୍ତାରେ କର୍ତ୍ତୃପକ୍ଷ। ଏନେଇ କର୍ତ୍ତୃପକ୍ଷ ସଫେଇ କର୍ମଚାରୀ ନିଯୁକ୍ତି ଦେଇଥିବା ଠିକା ସଂସ୍ଥାକୁ ଚିଠି କରିଛନ୍ତି। ହସ୍ପିଟାଲ ପରିସରରେ ରହିବା ଦୁଃସହ ହୋଇଯାଇଥିବାରୁ ତୁରନ୍ତ କର୍ମଚାରୀଙ୍କୁ ମନେଇବାକୁ ସଂସ୍ଥାକୁ କୁହା ଯାଇଛି।

ତେବେ ଏହି କର୍ମଚାରୀମାନେ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବାରୁ ସଂସ୍ଥା ସେମାନଙ୍କୁ ମାସ ୩୦ ବା ୩୧ ଦିନ ହୋଇଥିବା ବେଳେ ଦରମା ଦେଉଛି ୨୬ ଦିନର। ସମସ୍ତଙ୍କ ପାଇଁ ସପ୍ତାହରେ ଗୋଟିଏ ଦିନର ଛୁଟି ସରକାର ଉପଲବ୍ଧ କରୁଥିବା ବେଳେ ସେମାନଙ୍କ ଅଫକୁ ସଂସ୍ଥା ନୋ ୱାର୍କ ନୋ ପେ ଭାବା ଗ୍ରହଣ କରୁଛି।

# ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବାଚସ୍ପତି

**ଭୁବନେଶ୍ୱର,୨୪।୯ (ମହାଭାରତ):** ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ, ଭାରତ ଆଂଚଳିକ ସମ୍ମିଳନୀ ଅବସରରେ ଆଜି ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ବାଚସ୍ପତି ରାଜ୍ୟ ବିଧାନସଭା ରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଓଡ଼ିଶାର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ବିଧାନସଭାର ଅବଦାନ ରହୁ ବୋଲି ଏହି ଆଲୋଚନା ସମୟରେ ମହାମହିମ ରାଷ୍ଟ୍ରପତି ମତ ଦେଇଥିଲେ । ଓଡ଼ିଶା ବିଧାନସଭାକୁ ନୂଆ କରି ନିର୍ବାଚିତ ହୋଇଥିବା ବାଚସ୍ପତି ଓ ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇଙ୍କୁ ରାଷ୍ଟ୍ରପତି ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ ।



ପରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଉପରାଷ୍ଟ୍ରପତି ତଥା ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀଜଗଦୀପ୍ ଧନକଡ଼ଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଓଡ଼ିଆର ପର୍ଯ୍ୟଟନ ବୈଭବ ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଓଡ଼ିଶା ଗସ୍ତରେ ଆସି କୋଣାର୍କ, ଶିମିଳିପାଳ ଓ କୋରାପୁଟ ପରି ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବୁଲି ଦେଖିବାକୁ ଉପରାଷ୍ଟ୍ରପତି ଶ୍ରୀ ଧନକଡ଼୍‌ଙ୍କୁଅନୁରୋଧ କରିଥିଲେ । ଆଲୋଚନା ସମୟରେ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ ଓ ଯୁଗ୍ମ ସଚିବ ଶ୍ରୀସତୀଶ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

# ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଶାସନ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୪।୯ (ମହାଭାରତ):** ଆଜି ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗରେ ଜନକଲ୍ୟାଣକାରୀ 'ସୁଭଦ୍ରା' ଯୋଜନା ସଫଳତାର ସହିତ ଆରମ୍ଭ ହୋଇଥିବାରୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ । ରାଜ୍ୟ ସରକାରଙ୍କ ୧୦୦ ଦିନର କାର୍ଯ୍ୟ ସଫଳତା ମଧ୍ୟରେଯେଉଁ ସବୁ ଯୋଜନା ଏବଂ କାର୍ଯ୍ୟକ୍ରମ ଜାରି ରହିଛି, ସେସବୁକୁ ତ୍ୱରାନ୍ୱିତ କରି ବିଭାଗୀୟ କାର୍ଯ୍ୟ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଏଥି ସହିତ ମୁଖ୍ୟ ଶାସନ ସଚିବ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଭଲ ଭାବେ ବୁଝିବା ସହିତ ସେସବୁ ଦକ୍ଷତା ଏବଂ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି ।



ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା, ସମସ୍ୟାର ସମାଧାନ,ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ ସହ ବିଭିନ୍ନ ଅଂଚଳରେ ଜନସାଧାରଣଙ୍କର ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟସେବା ଭଳି ସର୍ବନିମ୍ନ ଆବଶ୍ୟକତାକୁ ପୂର୍ଣ୍ଣମାତ୍ରାରେ ଉପଲବ୍ଧ କରାଇବା ସୁନିଶ୍ଚିତ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ଗ୍ରାମାଂଚଳ ଓ ସହରାଂଚଳ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ, ଭୂ ସଂସ୍କାର, ପର୍ଯ୍ୟଟନ ସମେତ ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ପାଇଁ ରାଜ୍ୟକୁ କେନ୍ଦ୍ର ସରକାରଙ୍କର ପୁଞ୍ଜି ବିନିଯୋଗ ପାଇଁ ସ୍ୱତନ୍ତ୍ର ସହାୟତାପାଣ୍ଠି ଅନୁଦାନ-୨୦୨୪-୨୫ର ବିନିଯୋଗ ସ୍ଥିତି ଓ ପ୍ରସ୍ତାବସଂପର୍କରେ ଆଲୋଚନା କରାଯାଇ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା । ବୈଠକରେ ନୀତି ଆୟୋଗ ତରଫରୁ କେନ୍ଦ୍ର ବଜେଟ୍ ୨୦୨୪-୨୫ରେ ଘୋଷଣା ଅନୁଯାୟୀ 'ପୂର୍ବୋଦୟ'ରାଜ୍ୟମାନଙ୍କ ପାଇଁ ଏକ ବ୍ୟାପକ ଦୂରଦୃଷ୍ଟି ଯୋଜନା ପ୍ରଣୟନ ପାଇଁ ନୀତି ଆୟୋଗଙ୍କ ଦ୍ୱାରା ଗଠିତ ପରାମର୍ଶଦାତା କମିଟି ପାଇଁ ଆବଶ୍ୟକୀୟ ମତାମତ ପ୍ରଦାନ ନିମନ୍ତେ ମୁଖ୍ୟ ଶାସନ ସଚିବ ବିଭାଗୀୟ ସଚିବମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଗତ ଜୁଲାଇ ମାସରେ ନୀତି ଆୟୋଗଙ୍କ ୯ମ କାର୍ଯ୍ୟନିର୍ବାହୀ ପରିଷଦର ବୈଠକରେ ଆଲୋଚିତ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥାଗୁଡିକର କାର୍ଯ୍ୟାନ୍ୱୟନ ନେଇ ଆଲୋଚନାକରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଂଜନ କୁମାର ସିଂଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଦୁର୍ଗାପୂଜାରେ ବାଜି ପାରିବ ନାହିଁ ଡିଜେ ସଂଗୀତ

**ଭୁବନେଶ୍ୱର,୨୪।୯ (ମହାଭାରତ):** ଜଗତଜନନୀ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ପାଇଁ ପୀଠ ଓ ମଣ୍ଡପରେ ଜୋରଦାର ପ୍ରସ୍ତୁତି ଚାଲିଛି। ଦେବୀ ମନ୍ଦିରଗୁଡ଼ିକ ସାଜସଜ୍ଜା ଚାଲିଥିବା ବେଳେ ପୂଜାମଣ୍ଡପ କାମ ପ୍ରାୟତଃ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରାଜଧାନୀ ଭୁବନେଶ୍ୱରରେ ପରିଚାଳିତ ହେବଥିବା ଦୁର୍ଗାପୂଜା ସ୍ଥଳୀକୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଉଛି।



ଦୁର୍ଗାପୂଜା ପାଇଁ ପୂଜାକମିଟି ଗୁଡ଼ିକ ଓ ପୁଲିସ କମିସନର ନିଜନିଜ ସ୍ତରରେ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ଏହା ମଧ୍ୟରେ କମିସନରେଟ ପୁଲିସ ପକ୍ଷରୁ ଦୁର୍ଗାପୂଜା ପାଇଁ କେତେକ କଟକଣା ଜାରି କରାଯାଇଛି।

ପୁଲିସ କମିସନର ସଂଜୀବ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏଥର ଦୁର୍ଗାପୂଜାରେ ଡିଜେକୁ ବାରଣ କରାଯାଇଛି। ଡିଜେ, ମଦ ଓ ପ୍ଲାଷ୍ଟିକ୍ ମୁକ୍ତ ଦୁର୍ଗାପୂଜାକୁ ଗୁରୁତ୍ୱ ଦିଆଯାଇଛି। ତା ସହିତ ପୂଜା କମିଟି ମଧ୍ୟ ବଟି ମାଗିଲେ ସଂପୃକ୍ତ ବ୍ୟକ୍ତି ବନ୍ଧା ହେବେ। ପୂଜା ମଣ୍ଡପରେ ମେଲୋଡି କାର୍ଯ୍ୟକ୍ରମ ରାତି ୧୨ଟା ଯାଏଁ ଚାଲିପାରିବ। କିନ୍ତୁ ରାବଣ ପୋଡିରେ ବାଣ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି।

ମା'ଙ୍କର ଷୋଳପୂଜା ଆଜିଠୁ ଆରମ୍ଭ ହୋଇଯାଇଛି। ସପ୍ତମୀ ପୂଜା ଅକ୍ଟୋବର ୧୦ରେ ପାଳିତ ହେବ। ସାର୍ବଜନୀନ ଦଶହରା ଅକ୍ଟୋବର ୧୩ ତାରିଖରେ ପାଳନ କରାଯିବ। ଦଶହରାକୁ ଦୃଷ୍ଟିରେ ରଖି ପୂଜାକମିଟିଗୁଡ଼ିକ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ରାଜଧାନୀ ଭୁବନେଶ୍ୱରରେ ଏଥର ୧୭୧ଟି ସ୍ଥାନରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବେ।

ପୂଜା ମଣ୍ଡମରେ ଅନୁଷ୍ଠିତ ହେଉଥିବା ମେଲୋଡି କାର୍ଯ୍ୟକ୍ରମ ୧୦ଟା ପରିବର୍ତ୍ତେ ୧୨ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ରାବଣ ପୋଡିବେଳେ ଶବ୍ଦ ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି।

ସେହିପରି ବିନା ରସାୟନିକ ପଦାର୍ଥ ଓ ପ୍ଲାଷ୍ଟିକରେ ମୂର୍ତ୍ତି ନିର୍ମାଣ କରିବାକୁ ଅନେକ ପୂଜା କମିଟି ନିଷ୍ପତ୍ତି ନେଇଛନ୍ତି। ରାବଣ ପୋଡିବେଳେ ଶବ୍ଦ ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନକରିବାକୁ ନିବେଦନ କରାଯାଇଛି। ଭସାଣି ବେଳେ ଭାଇବ୍ରେଟ ମ୍ୟୁଜିକ, ଡିଜେ ବାରଣ କରାଯାଇଛି।

# ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୪।୯ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶିରିପୁରଠାରେ ଥିବା ଇମେଜଠାରେ ଆୟୋଜିତ ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଜିଲ୍ଲା ସାଧନକର୍ମୀ ମାନଙ୍କର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ' ଉଦଯାପିତ ହୋଇଯାଇଛି କ୍ଷ ଏହି ଅବସରରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଡ୍ରପଆଉଟକୁ କିପରି ପ୍ରତିରୋଧ କରାଯାଇପାରିବ ଓ ବିଦ୍ୟାଳୟ ଆସୁନଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରି ମୁଖ୍ୟସ୍ରୋତକୁ ଅଣାଯାଇ ପାରିବ ସେ ଦିଗରେ ଆଲୋକପାତ କରିଛନ୍ତି । ଏଥିସହିତ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କାରାଯାଇଥିବା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଆପାର ଆଇ.ଡି. ଖୋଲାଯିବା ସମ୍ପର୍କରେ ଓ ବିଶେଷକରି ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଅଧ୍ୟୟନରତ ନବମରୁ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରିବା ବିଷୟରେ ସୂଚନା ପ୍ରଦାନ କରିଛନ୍ତି ।

ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମନୋରଂଜନ ମଲ୍ଲିକ ଯୋଗ ଦେଇ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷାୟତନର ଗୁଣାତ୍ମକ ମାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ କ୍ଷ ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ପିଲାଟିଦିନୁ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବାକୁ ଓ ନିଜର ରୁଚି ଅନୁଯାୟୀ ବିଷୟବସ୍ତୁ ନେଇ କ୍ୟାରିୟର ଗଢିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ସନାତନ ପଣ୍ଡା 'ସଂକଳ୍ପ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିବରଣୀ ଭିଡ଼ିଓ ଏବଂ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ କ୍ଷ ପ୍ରଶିକ୍ଷାର୍ଥୀମାନେ ନିଜର ପ୍ରଶିକ୍ଷଣ ଅନୁଭୂତି ବାଣ୍ଟିବା ସହ ନିଜ ସ୍ୱପ୍ନର ବିଦ୍ୟାଳୟ ପାଇଁ ନେଇଥିବା ସଂକଳ୍ପ ସମ୍ବନ୍ଧରେ ସୂଚନା ଦେଇଥିଲେ । ପରିଶେଷରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ସହ ସଂକଳ୍ପ ମଡ୍ୟୁଲ ପ୍ରଦାନ କରାଯାଇଥିଲା। ଏହି ତାଲିମ ରେ ଓଡ଼ିଶା ଶିକ୍ଷା ବ୍ୟବସ୍ଥା, ସରକାରୀ କର୍ମଚାରୀଙ୍କ ଶୃଙ୍ଖଳା ଓ ନୀତିନିୟମ, ଜାତୀୟ ଶିକ୍ଷା ନୀତି, ଶ୍ରେଣୀ ଗୃହ ପରିଚାଳନା, ଶିକ୍ଷଣ କୌଶଳ, ଶିକ୍ଷଣ ମୂଲ୍ୟାଙ୍କନ, ଇ-ଶିକ୍ଷଣ, ସାଇବର ସୁରକ୍ଷା, ବିଦ୍ୟାଳୟ ସୁରକ୍ଷା, କ୍ୟାରିୟର ପରାମର୍ଶ , ଗୋଷ୍ଠୀ ସହଭାଗୀତା, ଡ୍ରପଆଉଟ ପ୍ରତିରୋଧ ଓ ନିଜ ବିଦ୍ୟାଳୟକୁ ନେଇ ଯୋଜନା ପ୍ରସ୍ତୁତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

# ମିଭି ଏକ ନୀରବ ବିଜ୍ଞାପନ ଚଳଚ୍ଚିତ୍ର ସହିତ ପ୍ରଚଳନ କରୁଛି 'ହିୟର କ୍ଲିୟର

**ଭୁବନେଶ୍ୱର,୨୪।୯ (ମହାଭାରତ):** ଏକ ଅଗ୍ରଣୀ ଭାରତୀୟ ଉପଭୋକ୍ତା ଇଲେକଟ୍ରୋନିକ୍ସ ବ୍ରାଣ୍ଡ୍ ମିଭି (ଏମଆଇଭିଆଇ) ତାହାର ସଦ୍ୟତମ ରାଷ୍ଟ୍ରୀୟ ଅଭିଯାନ 'ହିୟର କ୍ଲିୟର'କୁ ଏକ ନୀରବ ବିଜ୍ଞାପନ ଫିଲ୍ମ (ସାଇଲେଣ୍ଟ ଆଡ ଫିଲ୍ମ) ସହିତ ଶୁଭାରମ୍ଭ କରିଛି, ଅଡିଓ ଡିଭାଇସ ଶିଳ୍ପରେ ଏହା ଏହି ଧରଣର ପ୍ରଥମ ଉତ୍ପାଦ। ଏହି ଚଳଚ୍ଚିତ୍ର ଜରିଆରେ ମିଭି 'ହିୟର ଆଜ୍ କ୍ଲିୟର ଆଜ୍ ଫକ୍ସ' ବାର୍ତ୍ତାକୁ ପ୍ରୋତ୍ସାହିତ କରୁଛି ଏବଂ ଏହିଭଳି ଭାବରେ ସଦ୍ୟତମ ଛାମୁଆ ଟିଡବ୍ଲ୍ୟୁଏସ୍ 'ସୁପରପଡ୍ସ୍ ଇମର୍ସିଓ' ଶୁଭାରମ୍ଭ ସହିତ ଗ୍ରାହକଙ୍କୁ ସ୍ୱଷ୍ଟତାର ପରବର୍ତ୍ତୀ ସ୍ତରକୁ ନେଇଯିବା ନିମନ୍ତେ ପ୍ରେରିତ କରୁଛି। ତାହାର ଅଧୁନାତମ ଫ୍ଲାଗସିପ୍ ଟିଡବ୍ଲ୍ୟୁଏସ୍ ଇୟରବଡ୍ସ୍ ବର୍ଗ ସୁପରପଡ୍ସ୍ ପ୍ରଚଳନ ସହିତ ମିଭି ପ୍ରିମିୟମ ଟିଡବ୍ଲ୍ୟୁଏସ୍ ଶ୍ରେଣୀରେ ୧୦% ବଜାର ଅଂଶ ଦଖଲ କରିବା ଲକ୍ଷ୍ୟ ରଖିଛି। ଏହି ଆକର୍ଷଣୀୟ ଚଳଚ୍ଚିତ୍ର ଦର୍ଶକଙ୍କୁ ଏକ ରହସ୍ୟପୂର୍ଣ୍ଣ ଜଙ୍ଗଲକୁ ନେଇଯାଉଛି, ଯେଉଁଠାରେ ଜଣେ ଯୁବ ଦୁଃସାହସୀ କୋକିଶିଆଳିମାନଙ୍କୁ ଦେଖି ଚକିତ ହେବା ସହିତ ସେମାନଙ୍କ ସହିତ ମିଶି ନୃତ୍ୟ କରୁଛନ୍ତି। ସେ ସେମାନଙ୍କ ସହିତ ଯୋଗଦେବା ଅବସରରେ ଏକ କୋକିଶିଆଳି ତାଙ୍କୁ ଏକ ସୁପରପଡ୍ସ୍ ଇମର୍ସିଓ ଟିଡବ୍ଲ୍ୟୁଏସ୍ ଉପହାର ଆକାରରେ ପ୍ରଦାନ କରୁଛି ଏବଂ ସେ କୋକିଶିଆଳିର ତୀବ୍ର ସ୍ୱରକୁ ସ୍ୱଷ୍ଟ ଭାବରେ ଶୁଣିବାର ଅନୁଭୂତି ପାଉଛନ୍ତି। ଚଳଚ୍ଚିତ୍ରରେ ତ୍ରୁଟିଶୂନ୍ୟ ଭାବରେ ଚମତ୍କୃତ କଳାଭଳି ଦୃଶ୍ୟରାଜି, ଧରି ରଖିବାଭଳି ନୃତ୍ୟ ନିର୍ଦ୍ଦେଶନା ଏବଂ ଏକ ମନଲୋଭା କାହାଣୀର ସମାହାର ଘଟିଛି।

# ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଓଡ଼ିଶା ପ୍ରଗତିକୁ ପ୍ରଶଂସା: ବିଜେଡି

**ଭୁବନେଶ୍ୱର,୨୪।୯ (ମହାଭାରତ):** ନିକଟରେ ପ୍ରକାଶିତ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ରିପୋର୍ଟରେ ଦିଆଯାଇଥିବା ବିବରଣୀକୁ ଦର୍ଶାଇ, ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ତଥା ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ଶ୍ରୀ ସଂତୃପ୍ତ ମିଶ୍ର କହିଥିଲେ, ଗତ ଦୁଇ ଦଶନ୍ଧିରେ ଓଡିଶା ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ଯାହା ପ୍ରତ୍ୟେକ ଓଡ଼ିଆ ପାଇଁ ଗର୍ବର ବିଷୟ । ଏହି ରିପୋର୍ଟ ବିଜୁ ଜନତା ଦଳ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଓ ଏଥିରେ ଓଡ଼ିଶାର ଦୁଇ ଦଶନ୍ଧିର ସଫଳତାକୁ ଭୂରି ଭୁରି ପ୍ରଶଂସା କରାଯାଇଛି । ନବୀନ ପଟ୍ଟନାୟକଙ୍କ ଚବିଶ ବର୍ଷର ଶାସନ କାଳରେ ରାଜ୍ୟରେ କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ ବୋଲି ବିଜେପି ତରଫରୁ ଲଗାତର ଭାବେ କରାଯାଉଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ ।ଶ୍ରୀ ମିଶ୍ର କହିଥିଲେ, ମୁଣ୍ଡ ପିଛା ଆୟ ବୃଦ୍ଧି କ୍ଷେତ୍ରରେ, ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ତୁଳନାରେ ଓଡିଶାର ଅଭିବୃଦ୍ଧି ହାର ସର୍ବାଧିକ । ଏହି ଅଭିବୃଦ୍ଧି ଓଡିଶା ସରକାରଙ୍କ ପାରଦର୍ଶୀ ନୀତି ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି । ରାଜ୍ୟର ଆପେକ୍ଷିକ ମୁଣ୍ଡ ପିଛା ଆୟ ଯାହା ୨୦୦୦ ମସିହାରେ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତାର ବୃଦ୍ଧି ପାଇଛି । ୨୦୦୦-୦୧ରେ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ରହିଥିବା ବେଳେ ୨୦୨୩-୨୪ ବେଳକୁ ଏହା ୨.୮%କୁ ବୃଦ୍ଧି ପାଇଛି । ଅପରପକ୍ଷରେ, ପଞ୍ଜାବର ଅବଦାନ ୩.୯%ରୁ ୨.୪%କୁ, ମହାରାଷ୍ଟ୍ରର ଅବଦାନ ୧୪%ରୁ ୧୩.୩%କୁ, ଦିଲ୍ଲୀର ଅବଦାନ ୩.୭%ରୁ ୩.୬%କୁ, ପଶ୍ଚିମବଙ୍ଗର ଅବଦାନ ୮.୨%ରୁ ୫.୬%କୁ, ଉତ୍ତର ପ୍ରଦେଶର ଅବଦାନ ୧୦.୯% ରୁ ୯.୫%କୁ ଖସିଛି ବୋଲି ରିପୋର୍ଟରେ ଦର୍ଶଯାଇଛି । ଏହି ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ଏକ ବଡ଼ ଉପଲବ୍ଧି ବୋଲି ଦର୍ଶାଯାଇଛି ।ଶ୍ରୀ ମିଶ୍ର ଆହୁରି କହିଥିଲେ, ୨୦୦୦ ମସିହାରେ ନବୀନ ବାବୁ ରାଜ୍ୟ ଶାସନ ଦାୟିତ୍ୱ ନେବା ସମୟରେ ଓଡ଼ିଶାର ଆର୍ଥିକ ସ୍ଥିତି ଦେବାଳିଆ ସ୍ଥିତିରେ ଥିଲା।

ସେହି ସମୟରେ ରିଜର୍ଭ ବ୍ୟାଙ୍କ ପାଖରେ ଓଡ଼ିଶାର ପ୍ରାୟ ୧୪୪ କୋଟି ଟଙ୍କାର ଓଭର ଡ୍ରାଫ୍ଟ ଥିଲା । ରିଜର୍ଭ ବ୍ୟାଙ୍କ ଏହି ଓଭର ଡ୍ରାଫ୍ଟକୁ ଆଉ ଅଧିକ କରିବା ପାଇଁ ଅନୁମତି ଦେଇନଥିଲେ, ଯାହା ଫଳରେ ରାଜ୍ୟ ସରକାରଙ୍କ ନିକଟରେ କାର୍ଯ୍ୟରତ ପ୍ରାୟ ଛଅ ଲକ୍ଷ କର୍ମଚାରୀ ଓ ପେନସନ ଧାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ବିଳମ୍ବ ହେଉଥିଲା । ୨୦୦୦ ମସିହାରେ ଏକ ଦେବାଳିଆ ରାଜ୍ୟ ଭାବେ ପରିଚୟ ପାଇଥିବା ଓଡିଶା, ନବୀନ ବାବୁଙ୍କ ନେତୃତ୍ୱରେ ଆର୍ଥିକ ଶୃଙ୍ଖଳା, ପ୍ରଶାସନିକ ପାରଦର୍ଶିତା ଓ ନୂତନ ଶିଳ୍ପ ନୀତି ମାଧ୍ୟମରେ ଓଡିଶା ଏକ ରାଜସ୍ୱ ନିଅଣ୍ଟ ରାଜ୍ୟରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇପାରିଥିଲା । ୨୦୦୦ ମସିହାରେ ଓଡିଶା ୧୮,୦୦୦ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଥିଲାବେଳେ ୨୦୨୪ ବେଳକୁ ୪୮,୦୦୦ କୋଟି ଟଙ୍କାର ରାଜସ୍ୱ ବଳକା ହୋଇଛି । ସେହିପରି, ରାଜ୍ୟର ମୁଣ୍ଡ ପିଛା ଆୟ ମାତ୍ର ୧୦,୨୧୧ ଟଙ୍କା ଥିଲାବେଳେ ଏହା ୨୦୨୪ ବେଳକୁ ଏହା ୧,୬୧,୪୩୭ ଟଙ୍କାକୁ ବୃଦ୍ଧି ପାଇଛି ।୨୦୦୦ ମସିହାରେ ଓଡ଼ିଶାର ସତୁରି ଭାଗ ଲୋକ ଗରିବ ସୀମାରେଖା ତଳେ ଥିଲେ, ଯାହା ୨୦୨୪ ବେଳକୁ ମାତ୍ର ଦଶ ପ୍ରତିଶତକୁ ଖସି ଆସିଛି । ୨୦୦୦ ମସିହାରେ ରାଜ୍ୟର ଜିଡିପି ୪୬,୭୫୬ କୋଟି ଟଙ୍କା ଥିଲାବେଳେ ଏହା ୨୦୨୪ ବେଳକୁ ୮.୩ ଲକ୍ଷ କୋଟି ଟଙ୍କାରେ ପହଁଚିଛି । ରାଜ୍ୟରେ ଧାନ ଉତ୍ପାଦନ ୨୦୦୦ ମସିହାରେ ୪୬.୧୪ ଲକ୍ଷ ମେଟ୍ରିକ ଟନ ଥିଲାବେଳେ ଏହା ୨୦୨୪ରେ ୧୦୧.୩୦ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି । ସେହିପରି ରାଜ୍ୟରେ ମାଛ ଉତ୍ପାଦନ ୨.୬୦ ଲକ୍ଷ ମେଟ୍ରିକ ଟନରୁ ୧୦.୫୨ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି ପାଇଛି ଓ ଓଡିଶା ଦେଶର ଚତୁର୍ଥ ବୃହତ ମାଛ ଉତ୍ପାଦନ ରାଜ୍ୟ ଭାବେ ପରିଗଣିତ ହୋଇଛି । ରାଜ୍ୟରେ ଅଣ୍ଡା ଉତ୍ପାଦନ ୭୩୦ ନିୟୁତରୁ ୩୪୭୫ ନିୟୁତକୁ ବୃଦ୍ଧି ପାଇଛି । ଓଡିଶା ୨୦୦୦ ମସିହାରେ ୩୮୭ କୋଟି ଟଙ୍କାର ରପ୍ତାନି କରୁଥିବା ବେଳେ ୨୦୨୩-୨୪ରେ ଏହା ୧,୬୫,୨୧୧ କୋଟି ଟଙ୍କାରେ ପହଁଚିଛି ଓ ଓଡିଶା ଦେଶର ସପ୍ତମ ଶ୍ରେଷ୍ଠ ରପ୍ତାନୀକାରୀ ରାଜ୍ୟର ମାନ୍ୟତା ପାଇଛି । ୨୦୦୦ ମସିହାରେ ରାଜ୍ୟରେ ଗୋଟିଏ ବିମାନବନ୍ଦର କାର୍ଯ୍ୟକ୍ଷମ ଥିଲାବେଳେ ୨୦୨୪ରେ ଛଅଟି ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇପାରିଛି ।

# ଦଳବଦଳ ଆଇନ

ଯଦି ମମତା କିମ୍ବା ସୁଜିତ କୁମାର ରାଜ୍ୟସଭାରୁ ଇସ୍ତଫା ନଦେଇ ବିଜେପିରେ ସାମିଲ ହୋଇଥାଆନ୍ତେ ତେବେ ଦଳ ବଦଳ ନିରୋଧ ଆଇନ ଅନୁଯାୟୀ ସେମାନଙ୍କର ସଭ୍ୟ ପଦ ରଦ୍ଦ ହୋଇଥାଆନ୍ତା। କିନ୍ତୁ ଉଭୟରେ ଅତି ଚତୁରତାର ସହିତ ପ୍ରଥମେ ସଂସଦରୁ ଏବଂ ପରେ ଦଳରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି। ମମତା ଯେପରି ବିନା ମୁକାବିଲାରେ ରାଜ୍ୟସଭାକୁ ଗଲେ ସୁଜିତ କୁମାର ମଧ୍ୟ ଠିକ ସେହିପରି ବିଜେପି ପ୍ରାର୍ଥୀ ହୋଇ ରାଜ୍ୟସଭାକୁ ପୁନଃନିର୍ବାଚିତ ହେବେ ସେଥିରେ ସନ୍ଦେହ ନାହିଁ। ସେ ବିଜେପି ହାଇକମାଣ୍ଡଙ୍କଠାରୁ ଏଥିଲାଗି ନିର୍ଭର ପ୍ରତିଶ୍ରୁତି ପାଇଥିବେ ନିଶ୍ଚିତ। ଏଭଳି ଦଳବଦଳ ପ୍ରକ୍ରିୟା ମାଧ୍ୟମରେ ବିଜେପି ରାଜ୍ୟସଭାରେ ସଂଖ୍ୟାଗରିଷ୍ଠତା ହାସଲ ଲକ୍ଷ୍ୟ ରଖିଛି। ଫଳରେ ଭବିଷ୍ୟତରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରାଇବା ସରକାରଙ୍କ ପାଇଁ କଷ୍ଟ ହେବ ନାହିଁ। କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟରେ ମଧ୍ୟ ରାଜନୀତିର ଏପରି ଖେଳ ଚାଲିଛି। ନିକଟରେ ୱାଇ ଏସ ଜଗନମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସର ୪ଜଣ ରାଜ୍ୟସଭା ସଦସ୍ୟ ସଂସଦରୁ ଇସ୍ତଫା ଦେଇଛନ୍ତି। ସେମାନେ ଟିଡିପି ବା ଏନଡିଏରେ ଯୋଗ ଦେବାର ସଙ୍କେତ ମିଳିଛି। ଫଳରେ ରାଜ୍ୟସଭାରେ ଏନଡିଏ ସଂଖ୍ୟା ଦୃଷ୍ଟିରୁ ଆହୁରି ଶକ୍ତିଶାଳି ହେବ। ଏହାକୁ ଅନୈତିକ ରାଜନୀତିର ସଂକୀର୍ଣ୍ଣ ସ୍ୱରୂପ। ଦଳବଦଳ ନିରୋଧ ଆଇନକୁ ଅକାମୀ କରିଦେବାରେ କିଛି ରାଜନୈତିକ ଦଳ ଏବଂ ନେତା ବେଶ ଚତୁରତାର ସହ ପଦକ୍ଷେପ ନେଇ ଏଥିରେ ସଫଳ ହେଉଛନ୍ତି। ତେଣୁ ଏବେ ଏହି ଆଇନର ପୁନଃସମୀକ୍ଷା ଏବଂ ସଂଶୋଧନର ଆବଶ୍ୟକତା ପଡ଼ିଛି। ସୁଜିତ କୁମାର ବିଜେଡିରୁ ଇସ୍ତଫା ଦେବା ପରେ ଯାହା ସବୁ ଅଭିଯୋଗ କରିଛନ୍ତି ସେସବୁ ହାସ୍ୟାସ୍ପଦ। ବିଜେଡି କ୍ଷମତାରେ ଥିବା ବେଳେ ସେ ଏପରି ଅଭିଯୋଗ କରିପାରିଥାଆନ୍ତେ। ସେତେବେଳେ ସେ କାହିଁକି ପାଟି ବନ୍ଦ କରିଥିଲେ ? ସୁଜିତ କୁମାର ବିଜେଡିରୁ ଇସ୍ତଫା ଦେବା ପରେ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ଏହାକୁ କହନ୍ତି ରାଜନୀତିରକୌତୁକ କଥା। ସୁଜିତ କୁମାର ଦଳ ଏବଂ ରାଜ୍ୟସଭାରୁ ଇସ୍ତଫା ଦେବେ ବୋଲି ନବୀନ କେମିତି ପୂର୍ବରୁ ଜାଣିପାରିଲେ ନାହି ? ଏହା ପୂର୍ବରୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଥିଲା। ତେବେ ଏଭଳି ପରିସ୍ଥିତି ପାଇଁ ନବୀନ ନିଜେ ଦାୟୀ। କାରଣ ରାଜ୍ୟସଭା ଲାଗି ଦଳୀୟ ପ୍ରାର୍ଥୀ ଚୟନ ବେଳେ ସେ ଭୁଲ କରିଛନ୍ତି। ଦଳ ପ୍ରତି ନିଷ୍ଠା ଏବଂ ଆନୁଗତ୍ୟ ରଖିଥିବା ନେତା, ଯୋଗ୍ୟ ଏବଂ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ନପଠାଇ ଅନାମଧେୟ ବ୍ୟକ୍ତିଙ୍କୁ ରାଜ୍ୟସଭା ପଠାଇଲେ। ଯାହା ଦ୍ୱାରା ଆଜି ଏପରି ପରିସ୍ଥିତି ସୃଷ୍ଟି ହେଲା। ବିଜେଡି ଗଠନରେ ମୁଖ୍ୟ ଭୂମିକା ନେଇଥିବା ଏବଂ ବିଜୁ ପଟ୍ଟନାୟକଙ୍କ ସହଯୋଗୀ, ଅନୁଗତଙ୍କୁ ନବୀନ ଅଣଦେଖା କଲେ। ଡକ୍ଟର ପ୍ରସନ୍ନ କୁମାର ପାଟ୍ଟଶାଣୀ ବା ପ୍ରଫୁଲ୍ଲ ଘଡ଼ାଇଙ୍କ ଭଳି ନେତାଙ୍କୁ ଯଦି ସେ ରାଜ୍ୟସଭାକୁ ପଠାଇଥାଆନ୍ତେ ତେବେ ଆଜି ଦଳକୁ ଏପରି ଅପଦସ୍ତ ହେବାକୁ ପଡିନଥାନ୍ତା। ରାଜ୍ୟସଭା ପାଇଁ ପ୍ରାର୍ଥୀ ଚୟନ ବେଳେ ଆଞ୍ଚଳିକବାଦ ଏବଂ ଜାତି ବା ଗୋଷ୍ଠୀ ସମୀକରଣକୁ ଦୃଷ୍ଟିରେ ରଖିଲେ ଏପରି ହୋଇଥାଏ। ମମତା ମହାନ୍ତ ହେଉଛନ୍ତି କୁଡୁମୀ ସମ୍ପ୍ରଦାୟର ନେତ୍ରୀ। ମୟୁରଭଞ୍ଜ ଜିଲ୍ଲାରେ ଏହାର ପ୍ରଭାବ ରହିଛି। ତେଣୁ ମମତାଙ୍କୁ ରାଜ୍ୟସଭା ପଠାଗଲା। କିନ୍ତୁ ସଂସଦରେ ସେ କେବେ ଓଡ଼ିଶା ପାଇଁ ମୁହଁ ଖୋଲିଛନ୍ତି କି ? ସୁଜିତ କୁମାର ଓଡ଼ିଶାର ଜଣେ ରାଜ୍ୟସଭା ସଦସ୍ୟ ଅଛନ୍ତି ବୋଲି ଅନେକ ଜାଣିନଥିଲେ ବା ଭୁଲି ଯାଇଥିଲେ।

# ରାଜ୍ୟରେ ଜଳ ସଙ୍କଟ

**॥ ଡ଼ଃ. ଅରୁନ୍ଧତୀ ଦେବୀ ॥**

> *ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହା ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୭୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

**॥ ଅନୀତା ପଟ୍ଟନାୟକ ॥**

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ

ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ



ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛି। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ପାରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?

ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କପୋର୍ସର ଷଡଯନ୍ତ୍ରକାରୀ

**॥ ସୌମେନ୍ଦ୍ର ଜେନା ॥**

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍ଏ ଚିକାଗୋର ଅଧ୍ୟକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧ୍ୟକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚାନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚାନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚାରାରୋପଣକାରୀ ଏହିସବୁ ସଂଗଠନଗୁଡିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଟାଟାଷ୍ଟିଲ ପକ୍ଷରୁ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ମେରାମୁଣ୍ଡଳୀ ସ୍ଥିତ ଟାଟାଷ୍ଟିଲ କମ୍ପାନୀ ପକ୍ଷରୁ ମହାକାଶ ବିଜ୍ଞାନ ସମ୍ବନ୍ଧୀୟ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ହିନ୍ଦୋଳ ବ୍ଲକର ବିଭିନ୍ନ ସ୍କୁଲ ମାନଙ୍କରେ ଆୟୋଜିତ ହୋଇଯାଉଛି। ଆଜି ହିନ୍ଦୋଳ ଏନଏସି ସ୍ଥିତ ହିନ୍ଦୋଳ ସରକାରୀ ଉଚ୍ଚବିଦ୍ୟାଳୟରେ ଏଥିପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମ ରାଜ୍ୟସରକାରଙ୍କ ପ୍ରଯୁକ୍ତିବିଦ୍ୟା ଅଧୀନରେ ଥିବା ପଠାଣିସାମନ୍ତ ପ୍ଲାନିଟରିୟମ ସହଯୋଗରେ ଟାଟାଷ୍ଟିଲ ଆଷ୍ଟ୍ରୋନମର ୟାଟସର ୧୭ତମ ସଂସ୍କରଣ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମହାକାଶବିଜ୍ଞାନ, ଜ୍ୟୋତ୍ରୀବିଜ୍ଞାନ, ପଦାର୍ଥବିଜ୍ଞାନ, ରସାୟନଶାସ୍ତ୍ର ଓ ଗ୍ରହନକ୍ଷତ୍ର ସମ୍ବନ୍ଧୀୟ ୧୬୭ଟି କୁଇଜ ଓ ୧୦୭ପ୍ରବନ୍ଧ ଲିଖନ ପ୍ରତିଯୋଗିତା ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆୟୋଜିତ ହୋଇଥିଲା ଏବଂ ଏଥିରେ କୃତିତ୍ୱଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀ ମାନେ ମହାକାଶବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଅର୍ଜନ କରିବା, ଗଗନଯାନ ମହାକାଶ ଯାତ୍ରା ସହ ତତସମ୍ବନ୍ଧୀୟ ଜ୍ଞାନ ଆରୋହଣ ପାଇଁ ବିଭିନ୍ନ ସ୍ଥାନକୁ ଟାଟା ଷ୍ଟିଲ ପକ୍ଷରୁ ଗ୍ରସ୍ତ କରିପାରିବେ ଓ ଅନଲାଇନରେ ମଧ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।ଏହି କାର୍ଯ୍ୟକ୍ରମରେ ଟାଟାଷ୍ଟିଲ କମ୍ପାନୀର ଏଚଆର ମ୍ୟାନେଜର ଭବେନରଞ୍ଜନ କର, ହିନ୍ଦୋଳ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦୀନବନ୍ଧୁ ପୃଷ୍ଟି, ସହକାରୀ ଶିକ୍ଷୟତ୍ରୀ ପ୍ରିୟଙ୍କା ଦାସ, ଦୀପ୍ତିରଞ୍ଜନ ସାହୁ, ହିନ୍ଦୋଳ ସାମ୍ବାଦିକ ସଂଘ ସମ୍ପାଦକ ଦର୍ଶନନିୟୁଜ ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ସମୟ ସାମ୍ବାଦିକ ଦୁଷ୍ମନ୍ତ ମିଶ୍ର, ଟାଟା କର୍ମଚାରୀ ମନୋଜ ପତ୍ରି, ସୁଧାଂଶୁ ରଥ ପ୍ରମୁଖ ସନମାନିତ ଅତିଥି ଭାବରେ ଯୋଗଦେଇଥିଲେ । ସେହିପରି ଏହି କାର୍ଯ୍ୟକ୍ରମ ସରକାରୀ ଉଚ୍ଚବିଦ୍ୟାଳୟ ଖଜୁରିଆକଟା, ରାଶିପାଳ ଉଚ୍ଚବିଦ୍ୟାଳୟ, ସରସ୍ୱତୀ ବିଦ୍ୟାଳୟ ଖଜୁରିଆକଟାରେ ଆୟୋଜିତ ହୋଇଥିଲା। ଟାଟାଷ୍ଟିଲ କମ୍ପାନୀର ଏହିଭଳି ଶୈକ୍ଷିକ କାର୍ଯ୍ୟକ୍ରମ ପାଇଁ ହିନ୍ଦୋଳ ଅଞ୍ଚଳବାସି ଉଚ୍ଚପ୍ରଶଂସା କରିବାସହ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ବିସିଜି ଟୀକାକରଣର ଶୁଭାରମ୍ଭ

ରାୟଗଡ଼ (ମହାଭାରତ) : ଜିଲ୍ଲାସ୍ତରୀୟ ବିସିଜି ଟୀକାକରଣ ର ଶୁଭାରମ୍ଭ ଆଜି ରାୟଗଡ଼ ଜିଲ୍ଲା ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଜିଲ୍ଲା ମୁଖ୍ୟ ଚିକସ୍ଛା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଲାଲ ମୋହନ ରାଉତରାୟ ଙ୍କ କରକମଳ ରେ ହୋଇଯାଇଛି ସ୍ଥାନୀୟ ବରିଷ୍ଠ ନାଗରିକଙ୍କୁ ଟୀକା ଦାନ କରାଯାଇ ଏହି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଥିଲା ଏହି ଅସରରରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡ଼ା ମମତା ସାହୁ , ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ ) ଡ଼ା ମମତା ଚୌଧୁରୀ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ଼ା ପ୍ରଦୀପ୍ତ କୁମାର ସୁବୁଦ୍ଧି, ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ଡା ଚିନ୍ମୟ ବେହେରା , ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଶ୍ରୀ ରାଜେଶ୍ୱର ରାଓ ପଟ୍ଟନାୟକ, ସହକାରୀକାର୍ଯ୍ୟକ୍ରମ ପରିଚାଳକ (ସହରାଂଚଳ ସ୍ୱାସ୍ଥ୍ୟ ) ଶ୍ରୀ କିରଣ କୁମାର ପାତ୍ର , ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଯକ୍ଷ୍ମା ) ଶ୍ରୀ ନବୀନ ମହାନ୍ତି ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ ୟ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଆଶା, ସ୍ୱାସ୍ଥ୍ୟ କର୍ମୀ, ଏବଂ ବୟସ୍କ ବ୍ୟକ୍ତି ବିଶେଷ ଙ୍କୁ ନେଇ ବିସିଜି ଟୀକା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ବିସିଜି ଟୀକା ଯକ୍ଷ୍ମା ରୋଗ ପାଇଁ ଉଦ୍ଦିଷ୍ଟୟ ଯକ୍ଷ୍ମା ଏକ ଜୀବାଣୁ ଜନିତ ସଂକ୍ରାମକ ରୋଗ, ମାଇକୋ ବ୍ୟାକ୍ଟେରିଅମ ଟ୍ୟୁବରକୁଲୋସିସ ନାମକ ଏକ ଜୀବାଣୁ ଏହି ରୋଗ କରିଥାଏ। ଯକ୍ଷ୍ମା ରୋଗୀ କଥା ହେବା, ଛିଙ୍କିବା ଓ କାଶିବା ବେଳେ ଜେଉଁ ଛେପ କଣିକା ବାୟୁ ମଣ୍ଡଳରେ ଭାସେ, ତାହା ନିକଟରେ ଥିବା ସୁସ୍ଥ ବ୍ୟକ୍ତିଙ୍କ ଶ୍ୱାସ ନଳୀକୁ ସଂକ୍ରମିତ କରିଥାଏୟ ସୁସ୍ଥ ବ୍ୟକ୍ତିଙ୍କ ରୋଗ ପ୍ରତିରୋଧ ଶକ୍ତି କମ୍ ଥିଲେ, ଜୀବାଣୁ ରୋଗ କରିବା ସକ୍ଷମ ହୁଏୟ ବର୍ତ୍ତମାନ ଭାରତ ସରକାର, ଯକ୍ଷ୍ମା ରୋଗକୁ ମୂଳରୁ ଶେଷ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି , ସେଥି ନିମନ୍ତେ ରୋଗୀଙ୍କୁ ଶୀଘ୍ର ଚିହ୍ନଟ, ସମ୍ପୂର୍ଣ୍ଣ ଚିକିତ୍ସା ଓ ପ୍ରତିରୋଧକ ଔଷଧ ଜାରି ରଖିବା ସହ ସମସ୍ତ ଯୋଗ୍ୟ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କୁ ଦ୍ୱିତୀୟ ବିସିଜି ଟୀକା ଦେବା ପାଇଁ ସ୍ଥିର ହୋଇଛି। ଜିଲ୍ଲାସ୍ତରୀୟ ବିସିଜି ଟୀକାକରଣ ର ଶୁଭାରମ୍ଭ ଅବସରରେ ଯୋଗଦେଇ ଡା ଲାଲ ମୋହନ ରାଉତରାୟ କହିଥିଲେ ଯେ, ଆମ ରାଜ୍ୟରେ ୧୫ଟି ଜିଲ୍ଲା ରେ ଟୀକାକରଣ କରା ଯାଉଛି। ଆମ ଜିଲ୍ଲା ରେ ୧୨୮୦୦୦ ହିତାଧିକାରୀ ମାନଙ୍କୁ ଟୀକାକରଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏହି ଟୀକା ୬୦ ବର୍ଷରୁ ଉର୍ଦ୍ଧ ସମସ୍ତ ବ୍ୟକ୍ତି, ୧୮ ବର୍ଷରୁ ଉର୍ଦ୍ଧ ଯେଉଁମାନେ ବିଗତ ପା□ ବର୍ଷ ମଧ୍ୟରେ ଯକ୍ଷ୍ମା ରେ ପିଡିତ ଥିଲେ ଓ ବର୍ତ୍ତମାନ ଔଷଧ ସେବନ ସରିଛି, ବିଗତ ତିନି ବର୍ଷ ଭିତରେ ଯକ୍ଷ୍ମା ପିଡିତଙ୍କ ସଙ୍ଗେ ତାଙ୍କ ଘରେ ରହୁଥିବା ବ୍ୟକ୍ତି, ସମସ୍ତ ମଧୁମେହ ରୋଗୀ, ସମସ୍ତେ ଯେଉଁମାନେ ଧୂମ୍ରପାନ କରୁଛନ୍ତି କିମ୍ବା ଅତୀତରେ କରିଛନ୍ତି, ଯେଉଁମାନେ ଅତ୍ୟନ୍ତ ପୁଷ୍ଟିହିନ ଅଛନ୍ତି (ଇଗଓ ୧୮) ନେଇପାରିବେ ଏବଂ ଏହି ଟୀକା ପ୍ରତ୍ୟେକ ମହିଳା ସ୍ୱାସ୍ଥ୍ୟ କର୍ମୀ, ନିଜ ଅଞ୍ଚଳରେ ଟୀକାଦାନ ପାଇଁ ଯୋଜନା କରି, ଗ୍ରାମ୍ୟ ସ୍ତରରେ ଓ ସହରା□ଳରେ ସାହି ସ୍ତରରେ ଟୀକା ଦାନ କରିବେ। ଏଣୁ ସମସ୍ତ ହିତାଧିକାରୀ ମାନେ ଏହି କାର୍ଯ୍ୟକ୍ରମ ରେ ନିଜକୁ ସାମିଲ କରି ଏହି ଟୀକାକରଣ କାର୍ଯ୍ୟକ୍ରମ ସଫଳ କରିବାକୁ ମୋର ସାଦର ଅନୁରୋଧ।

# ବିଦ୍ୟାଳୟ କୁ ଆସୁନାହାନ୍ତି ଶିକ୍ଷକ: ମାଧାହ୍ନଭୋଜନ ଖାଇ ଘରକୁ ଫେରିଯାଉଛନ୍ତି ଛାତ୍ର ଛାତ୍ରଛାତ୍ରୀ



କନ୍ଧମାଳ(ମହାଭାରତ): ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଅନେକ କିଛି ଯୋଜନା କରୁଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍କୁଲ କୋଠା ଗୁଡିକ ନିର୍ମାଣ କରିବା ସହ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି । ମାସକୁ ମାସ ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସରକାର ଛାତ୍ରଛାତ୍ରୀ ମାନଙ୍କୁ ମୋଟାଅାଙ୍କର ଦରମା ମଧ୍ୟ ଦେଉଛନ୍ତି । କିନ୍ତୁ କିଛି ଶିକ୍ଷକ ଅଛନ୍ତି ଛାତ୍ରଛାତ୍ରୀ ମାନଙ୍କୁ ପାଠ ପାଇବା ପାଇଁ ଦରମା ନେଉଛନ୍ତି ସତ କିନ୍ତୁ ପାଠ ପଢାଇବାରେ ବହୁତ ଅବହେଳା କରିବା ସହ ଠିକ ଭାବରେ ବିଦ୍ୟାଳୟ କୁ ମଧ୍ୟ ଆସୁନାହାନ୍ତି ଓ ଯାହାପାଇଁ ବିଦ୍ୟାଳୟ କୁ ଆସୁଥିବା ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ କୁ ଆସି ପାଠ ନପଢି କେବଳ ମାଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିଯାଉଛନ୍ତି ତ ଆଉ କେତେବେଳେ ଶିକ୍ଷକ ସ୍କୁଲ କୁ ନଆସିବାରୁ ସ୍କୁଲ ଗୁଡିକ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଏଭଳି ଏକ ଅବହେଳିତ ବିଦ୍ୟାଳୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରେ ଓ ତେବେ ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଅଧୀନରେ ରହିଛି ଏହି ସୂବେରୀ ପାଙ୍ଗା ପ୍ରାଥମିକ ବିଦ୍ୟାଳୟ । ବିଦ୍ୟାଳୟ ଟି ବହୁ ପୁରାତନ ହୋଇଥିବା ବେଳେ ବର୍ତମାନ ଏହି ବିଦ୍ୟାଳୟ ଟି ଅତି ଦୟନୀୟ ଅବସ୍ଥାରେ ଗତିକରୁଛି । ବିଦ୍ୟାଳୟ ର ପରିବେଶ ହିଁ ବୟାନ କରୁଛି ବିଦ୍ୟାଳୟ ର ସ୍ଥିତି କଣ । ତେବେ ବର୍ତମାନ ଏହି ବିଦ୍ୟାଳୟ ରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ଯାଏ ଥିବା ବେଳେ ବିଦ୍ୟାଳୟ ରେ ପାଠ ପଢୁଛନ୍ତି ମାତ୍ର ପନ୍ଦର ରୁ କୋଡିଏ ଜଣ ଛାତ୍ର ଛାତ୍ରୀ ଓ ସେପଟେ ବିଦ୍ୟାଳୟରେ ମାତ୍ର ଗୋଟିଏ ଶିକ୍ଷକ ଙ୍କୁ ହିଁ ନିଯୁକ୍ତି ଡିଜାଇଥିବା ବେଳେ ସମ୍ପୃକ୍ତ ଶିକ୍ଷକ ଜଣକ ବିଦ୍ୟାଳୟ କୁ ଆସିବାରେ ବହୁ ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିବା ନାରାୟଣ ଯାନୀ ନାମକ ଏହି ଶିକ୍ଷକ ଜଣକ ନିୟମିତ ବିଦ୍ୟାଳୟ ଆସୁନଥିବାରୁ ପାଠପଢିବାରେ ଛାତ୍ର ଛାତ୍ରୀ ଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଅଧିକାଂଶ ସମୟ ବିଦ୍ୟାଳୟ ଟି ବନ୍ଦ ହୋଇଯାଉଛି । ଏମିତିକି ଶିକ୍ଷକ ଜଣକ ବିଦ୍ୟାଳୟ କୁ ଆସୁନଥିବାରୁ ଛାତ୍ରଛାତ୍ରୀ ମାନେ ମାଧ୍ୟାହ୍ନ ଭୋଜନ ଖାଇବାରୁ ମଧ ବଞ୍ଚିତ ହେଉଛନ୍ତି ଓ ସେପଟେ ବିଦ୍ୟାଳୟ କୁ ଶିକ୍ଷକ ଆସୁନଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ବିରଞ୍ଚି ବେହେରା ବିଦ୍ୟାଳୟ ଚଳାଇବା ସହ ପାଠମଧ୍ୟ ପଢାଉଛନ୍ତି। ସେପଟେ ଏଭଳି ଅଭାବନୀୟ ପରିସ୍ଥିତି ଦୀର୍ଘ ଦିନ ହେବ ଏହି ବିଦ୍ୟାଳୟ ରେ ରହିଥିବା ବେଳେ ସମ୍ପୃକ୍ତ ଶିକ୍ଷକ ଜଣକ ବିଦ୍ୟାଳୟ କୁ ନିୟମିତ ଆସୁନାହାନ୍ତି । ଯେବେ ଆସୁଛନ୍ତି ପେଟେ ମଦପିଇ ଆସୁଛନ୍ତି ବୋଲି ପରିଚଳାନା କମିଟି ର ସଭାପତି ଅଭିଯୋଗ କରିଛନ୍ତି । ତେବେ ଏହି ବିଦ୍ୟାଳୟ ର ସମସ୍ୟା ବିଷୟରେ ଫିରିଙ୍ଗିଆ ବ୍ଲକ ଦାୟିତ୍ୱ ରେ ଥିବା ଗୋଷ୍ଠି ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ଙ୍କୁ ପଚାରିବାରୁ ସ୍କୁଲ ର ସମସ୍ୟା କୁ ଆଖିଆଗରେ ରଖି ରାମେଶ୍ୱର ମଲ୍ଲିକ ନାମକ ଅନ୍ୟ ଜଣେ ଶିକ୍ଷକ ଙ୍କୁ ଏହି ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିବା କହିଥିବା ବେଳେ ସମ୍ପୃକ୍ତ ଶିକ୍ଷକ ଜଣକୁ ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ ଚାରି ରୁ ପାଞ୍ଚ ଦିନ ହେବ ବଦଳି ନିର୍ଦ୍ଦେଶ ମିଳିସାରିଥିବା ବେଳେ ବର୍ତମାନ ଯାଏ ସେ ଏହି ବିଦ୍ୟାଳୟ ରେ ଯୋଗ ଦେଇନଥିବା ତଦନ୍ତ ରୁ ଜଣାପଡିଛି । ଅନ୍ୟପଟେ ବିଦ୍ୟାଳୟ ରେ ଯୋଗ ଦେବା ବିଷୟରେ ଶିକ୍ଷକ ରମେଶ ମଲ୍ଲିକ ଙ୍କୁ ପଚାରିବାରୁ ଘରୋଇ ସମସ୍ୟା ପାଇଁ ଛୁଟିନେଇ ଘରେ ଥିବା କହିଥିବା ବେଳେ ପ୍ରକୃତ ସତକଥା ଜାଣିବା ପାଇଁ ଆମେ ଉକ୍ତ ବିଦ୍ୟାଳୟ ଦାୟିତ୍ୱ ରେ ଥିବା ସାଧନ କର୍ମୀ ଦିଲୀପ କୁମାର ବେହେରା ଙ୍କୁ ପଚାରିଥିଲୁ । ଶିକ୍ଷକ ଜଣକ ଛୁଟିନେବା କଥା ସମ୍ପୂର୍ଣ ମିଛ ବଦଳି ହେବା ପରଠାରୁ ମୁ ଶିକ୍ଷକ ଙ୍କୁ ଦେଖିନାହିଁ ବୋଲି ସୂଚନା ଦେଇଥିଲେ । ତେବେ ବିଦ୍ୟାଳୟ ରେ ଯୋଗ ଦେବା ବିଷୟରେ ପାଚଜାରିବାରୁ ଶିକ୍ଷକ ଜଣକ କାହିଁକି ମିଛ କହିଲେ ତାଉପରେ ଏବେ ତଦନ୍ତ ହେବା ଜରୁରୀ ହୋଇପଡ଼ିଛି । ଅନ୍ୟପଟେ ସ୍କୁଲ ରେ ଲାଗିରହିଥିବା ସମସ୍ୟା ଉପରେ ଧ୍ୟାନ ଦେଇ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି କରିଛନ୍ତି ସ୍କୁଲ ସଭାପତି ଓ ଅଭିଭାବକ ମାନେ ।

## ଦିନକୁ ଦିନ ଘନଉଛି ହିନ୍ଦୋଳ ଏନ୍.ଏ.ସି ବିବାଦ, ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ୧୨ କାଉନସିଲର

ହିନ୍ଦୋଳ(ମହାଭାରତ)ଦିନକୁ ଦିନ ହିନ୍ଦୋଳ ଏନ୍.ଏ.ସି ର ବିବାଦ ଘନେଇବାରେ ଲାଗିଛି। ପାରିଷଦବର୍ଗ ସେମାନଙ୍କ ରାଜନୈତିକ ଅଧିକାର କ୍ଷୁର୍ଣ୍ଣ ହେବା ନେଇ ବାରମ୍ବାର ପ୍ରଶାସନ ଆଗରେ ଫେରାଦ ହେବା ଘଟଣା ସାମ୍ନାକୁ ଆସିଛି। କିଛିଦିନ ତଳେ ଉପାଧ୍ୟକ୍ଷାଙ୍କ ନେତୃତ୍ୱରେ ୭ ଜଣ କାଉନସିଲର ହିନ୍ଦୋଳ ଏନ୍.ଏ.ସି ର ଅଚଳାବସ୍ଥା ନେଇ ଜିଲ୍ଲପ୍ରଶାସନ ଆଗରେ ଲିଖିତ ଅଭିଯୋଗ କରିଥିବା ଘଟଣା ନ ଥମୁଣୁ ଗତକାଲି ପୁଣିଥରେ ଉପାଧ୍ୟକ୍ଷାଙ୍କ ସହ ୧୧ ଜଣ କାଉନସିଲର ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଫେରାଦ ହୋଇଥିବା ଦେଖାଯାଇଛି। ଅଭିଯୋଗ ଅନୁସାରେ କାଉନସିଲର ମାନେ ନିର୍ବାଚିତ ଜନପ୍ରତିନିଧି ହୋଇଥିବା ବେଳେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସେମାନେ ଉତ୍ତରଦାୟୀୟମାତ୍ର କାଉନସିଲର ମାନଙ୍କ କ୍ଷମତାକୁ ଏନ୍.ଏ.ସି ପ୍ରଶାସନ ଗୌଣ କରି ମନମୁଖୀ କାର୍ଯ୍ୟ କରୁଥିବାରୁ ସେମାନେ ଏହି ଅଭିଯୋଗ ଆଣିଛନ୍ତି। ପାରିଷଦ ମାନଙ୍କ ଅଗୋଚରରେ ପାଣି ଭଳି ଟଙ୍କା ଖର୍ଚ୍ଚ କରିବା,ନିୟମିତ ପାରିଷଦ ବୈଠକ ନକରିବା,ଆବଶ୍ୟକୀୟ ଷ୍ଟାଣ୍ଡିଂ କମିଟିର ଗଠନ ନକରିବା ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ୧୬ ରୁ ୧୨ ଜଣ କାଉନସିଲର। ପୂର୍ବରୁ ଉପାଧ୍ୟକ୍ଷାଙ୍କ ସମେତ ତାଙ୍କ ଦଳର ୭ ଜଣ ବିଜେଡ଼ି କାଉନସିଲର ଏହି ଅନୁରୂପ ଅଭିଯୋଗ ଆଣିଥିବା ବେଳେ ଏବେ ବିଜେପିର ୩ କାଉନସିଲରଙ୍କ ସହମତିରେ ହୋଇଥିବା ଏହି ଅଭିଯୋଗ ଅନାସ୍ଥା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଯଦି ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହୁଏ ତେବେ ୧୨ ଜଣ କାଉନସିଲର ଆମରଣ ଅନଶନ କରିବେ ବୋଲି ଦାବୀ ପତ୍ରରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ତେବେ ସତରେ ଏହି ଅଚଳାବସ୍ଥାର ସ୍ଥାୟୀ ସମାଧାନ ହେବ ନା ପୂର୍ବ ଦୁଇ ପାଳି ଭଳି ଯଥା ପୂର୍ବ ତଥା ପରମ୍ ଢଙ୍ଗରେ ଏଥର ମଧ ଅନାସ୍ଥା ହେବ ତାହା ସମସ୍ତଙ୍କ ମନରେ ନୂଆ ରାଜନୈତିକ କୌତୁହ ସୃଷ୍ଟି କରିଛି। ରାଜନୈତିକ ଛକା ପଞ୍ଝା ଏବଂ ଆସନର ମୋହ ପାଇଁ ହିନ୍ଦୋଳ ଜନସାଧାରଣଙ୍କ ସ୍ୱାର୍ଥହାନି ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳିଛି।

## ବିନା ଫଳକ ରେ ଗୋଟେ ଜାଗାରେ ଦୁଇ ଟି ପାନୀୟ ଜଳ ପ୍ରକଳ୍ପ,

କୋରାପୁଟ(ମହାଭାରତ): କୋରାପୁଟ ଜ଼ିଲ୍ଲା ସୁନାବେଡା ପୌର ପରିଷଦ ଅଧୀନରେ ରହିଥିବା ଗାନ୍ଧୀନାଗର, ନେହୁର ନଗର, ଖଣ୍ଡିଆ ସାହି ଓ କାକିଗାଁ ସାହି କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ କୋରାପୁଟ ଜନସ୍ୱାସ୍ଥ୍ୟ ଖଣ୍ଡ ତରଫରୁ ୯୦ ଲକ୍ଷ ଟଙ୍କା ବିନିମୟ ରେ ଏକ ପାନୀୟ ଜଳ ପକଳ୍ପ କରାଯାଇଛି । ୨ ଜାନୁଆରୀ ୨୦୨୩ ରେ ଆରମ୍ଭ କରାଯାଇ ୧ ସେପ୍ଟେମ୍ବର ରେ ଶେଷ କରିବା ପାଇଁ ୮୧,୬୫,୩୪୪ ଟଙ୍କା ରେ ଏଗ୍ରିମେ□ ହେଇଥିଲା । ଅବଧି ଭିତରେ କାମ ଶେଷ ହୋଇନଥିବା ଯୋଗୁ ସମ୍ପୃକ୍ତ ଠିକାଦାର ଙ୍କ ଠାରୁ ୭୯,୮୮୩ ଟଙ୍କା ଜୋରିମାନା କରାଯାଇଛି । ପାନୀୟ ଜଳ ପକଳ୍ପ କୁ ଶେଷ କରିବା ପାଇଁ ଠିକାଦାର ଆଉ ଏକ ବର୍ଷ ସମୟ ନେଇଥିଲେ । ପାନୀୟ ଜଳ ପକଳ୍ପ ଶେଷ ହୋଇଥିବା ବେଳେ ଠିକାଦାର ଙ୍କୁ ୫୧.୪୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଆଉ ୨୯.୯୫ ଟଙ୍କା ଠିକାଦାର ଙ୍କ ବାକି ରହିଛି । ପକଳ୍ପ ଶେଷ ହେବା ପରେ ବି କୌଣସି ସୂଚନା ଫଳକ ନାହିଁ । ପାଣି ଟାଙ୍କି ସହିତ ୧୫୦ ମିଟର କଂକ୍ରିଟ ରାସ୍ତା କରାଯାଇଛି । ଯାହା ନିମ୍ନ ମାନର ହୋଇଥିବା ଦେଖିବା ପାଇଁ ମିଳିଛି । ରାସ୍ତାର ର ବିଭିନ୍ନ ଜାଗାରେ ଫାଟ ଦେଖା ଗଲାନି । ବିନା ଫଳକ ରେ ଗୋଟେ ଜାଗାରେ ଦୁଇ ଦୁଇଟି ପାନୀୟ ଜଳ ପକଳ୍ପ ହୋଉଥିବା କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ୨୪ ବର୍ଷ ସରକାର ରେ ଅଧିକାରୀ ଓ ଠିକାଦାର ଗୋଟେ ଅଭ୍ୟାସ ରେ ପଡି ଗଲେଣି । ସେ ଅଭ୍ୟାସ ଛଡାଇବା କୁ ପଡିବ । ଏ ନେଇ ତଦନ୍ତ କରାଯିବା ସହିତ ଯଦି ଦୁର୍ନୀତି ହୋଇଛି ତେବେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ବିଧାୟକ ଦଳ ର ନେତା ରାମ ଚନ୍ଦ୍ର କାଡାମ ଦାବି କରିଛନ୍ତି ।

## ରାଜପୁତ ସମାଜ ପକ୍ଷରୁ ଯୁବ ସମ୍ମିଳନୀ ଅନୁଷ୍ଠିତ

ଜୁନାଗଡ଼(ମହାଭାରତ): ଯେଉଁ ସମାଜର ଯୁବପୀ ଯେତେ କର୍ମଠ ସେହି ସମାଜ ସେତିକି ପ୍ରଗତିଶୀଳ । କଳାହାଣ୍ଡି ବାଙ୍କୀ ରାଜପୁତ ଯୁବକ ମାନଙ୍କ ଉଦ୍ୟମରେ ସମାଜର ସର୍ବାଙ୍ଗୀନ ବିକାଶ ନିମନ୍ତେ ଜୁନାଗଡ଼ ଟାଉନ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ନିମନ୍ତ୍ରିତ ଅତିଥି ତଥା ଉପସ୍ଥିତ ସମସ୍ତ ସଦସ୍ୟ ଙ୍କ ଦ୍ୱାରା ଆରାଧ୍ୟ ଦେବୀ ମାଁ ଲଙ୍କେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଗଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ଶତାଧିକ ଯୁବକ ମାନଙ୍କ ଉପସ୍ଥିତିରେ ସଭାପତି ଭାବେ ଶ୍ରୀଯୁକ୍ତ ସେନାପତି ମଲ୍ଲିକ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସତ୍ୟ ନାରାୟଣ ରାଜପୁତ, ମୁଖ୍ୟବକ୍ତା ଶ୍ରୀଯୁକ୍ତ ସୁଧାଂଶୁ ପାତ୍ର, ସମ୍ମାନୀତ ଅତିଥି ଭାବେ ଶ୍ରୀଯୁକ୍ତ ଉପେନ୍ଦ୍ର ନାଏକ,ଶ୍ରୀଯୁକ୍ତ ଯାମିନୀକାନ୍ତ ଲେଙ୍କିଆ,ଶ୍ରୀଯୁକ୍ତ ବୀରେନ୍ଦ୍ର ବେହେରୁକ,ଶ୍ରୀଯୁକ୍ତ ବଂଶୀଧର ନାଏକ ପ୍ରମୁଖ ଉପସ୍ଥିତ ଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ସତ୍ୟମ ନାଏକ ।

## ଛାତ୍ରୀ ମାନଙ୍କୁ କଲେଜ ହଷ୍ଟେଲରେ ଅକଥନୀୟ ନିର୍ଯାତନା

# କଲେଜ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଛାତ୍ରୀମାନେ ଟାଉନ ଥାନା ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଛାତ୍ରୀ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ କିଛିଦିନ ତଳେ ଛାତ୍ରୀମାନେ ଧାରଣା ଦେଇଥିବା ବେଳେ ଆଜି ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଛାତ୍ରୀମାନେ ନୟାଗଡ଼ ଟାଉନ ଥାନା ପୁଲିସ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଅଧ୍ୟାପକ ଅଭାବ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଅଭାବ ପ୍ରତିବାଦରେ ଗତ ୨୦ ତାରିଖ ଦିନ ଛାତ୍ରୀମାନେ ମହାବିଦ୍ୟାଳୟ ଫାଟକକୁ ବନ୍ଦ କରି ଅନ୍ଦୋଳନ କରିଥିଲେ। କର୍ତ୍ତୃପକ୍ଷ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ହଟିଥିଲା। ଆନ୍ଦୋଳନରେ ମିଶିଥିବା ହଷ୍ଟେଲ୍ ଛାତ୍ରୀଙ୍କୁ ହଷ୍ଟେଲ ସୁପରିଟେଣ୍ଡେଟ୍ ତଥା ଅଧ୍ୟକ୍ଷା ଧମକଚମକ ଦେବା ସହ ଛାତ୍ରୀଙ୍କ ବିରୁଦ୍ଧରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଛ ଅଭିଯୋଗ କରୁଛନ୍ତି। ଏହା ସହିତ ପୁଣିଥରେ ଆନ୍ଦୋଳନ କଲେ କଲେଜରୁ ବାହାର କରି ଦିଆଯିବ ବୋଲି ସମସ୍ତ ଛାତ୍ରୀଙ୍କୁ ଅଧ୍ୟକ୍ଷା ଧମକ ଦେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆଜି ବହୁ ସଂଖ୍ୟାରେ ଛାତ୍ରୀ ସେମାନଙ୍କ ସୁରକ୍ଷା ପାଇଁ ନୟାଗଡ଼ ଟାଉନ ଥାନା ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଛାତ୍ରୀମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରାଯାଉଥିବା ୨୦ ତାରିଖରେ ମହାବିଦ୍ୟାଳୟ ଅଧ୍ୟକ୍ଷା କହିଥିବା ବେଳେ ଆଜିର ଘଟଣାରେ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁୟ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ହଲାବୋଲୟ ଦୀର୍ଘ ଦିନ ଧରି ବିଭିନ୍ନ ବିଭାଗରେ ଅଧ୍ୟାପକ ପଦବୀ ଖାଲି ପଡିଥିବା ବେଳେ ସେପଟେ ଭଙ୍ଗା କବାଟ ଝରକା ବିପଦ ପୂର୍ଣ୍ଣ ଶ୍ରେଣୀ ଗୃହରେ ଚାଲିଛି ପିଲାଙ୍କ ଭବିଷ୍ୟତ। କଲେଜରେ ଶୌଚାଳୟ ଏବଂ ପାଣି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ବିଭିନ୍ନ ପ୍ରକାର ଅବ୍ୟବସ୍ଥାକୁ ନେଇ ରାସ୍ତାକୁ ଓହ୍ଲାଇଛନ୍ତି ମହାବିଦ୍ୟାଳୟର ଶତାଧିକ ଛାତ୍ରୀୟ ଛାତ୍ରୀଙ୍କ ଅଭିଯୋଗ ମହାବିଦ୍ୟାଳୟରେ ଦୀର୍ଘଦିନ ହେଲା ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ବିଭିନ୍ନ ବିଭାଗରେ ଅଧ୍ୟାପକଙ୍କ ଅଭାବ ରହିଥିବା ବେଳେ ପାନୀୟ ଜଳ ସମସ୍ୟା, କମନ୍ ରୁମ୍ ନଥିବା ବେଳେ ଭଙ୍ଗା କବାଟ ଝରକାର ମରାମତି କରାଯାଉନଥିବାରୁ ବିପଦ ପୂର୍ଣ୍ଣ ଅବ୍ୟବସ୍ଥା ଘେରରେ କ୍ଲାସ ବସି ପାଠ ପଢୁଛନ୍ତି। ତାହା ପୁଣି ଅସୁରକ୍ଷିତ ଅବ୍ୟବସ୍ଥାରେୟ ସେପଟେ କଲେଜ ହଷ୍ଟେଲ ଅବସ୍ଥା ଶୋଚନୀୟ। ଅସ୍ୱାସ୍ଥ୍ୟକର ଏବଂ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି ଛାତ୍ରୀମାନେ। ଅଭିଯୋଗ କଲେ ଦିଆଯାଉଛି ଫେଲ୍ କରାଇ ଦେବାର ଧମକୟ ଏ ନେଇ ବାରମ୍ବାର କଲେଜ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଉଥିଲେ ମଧ କିଛି ସୁବିଧା ମିଳୁନଥିବାରୁ ଏହାର ପ୍ରତିବାଦରେ ଛାତ୍ରୀମାନେ କଲେଜ ଫାଟକରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜଣେ ଅଧ୍ୟାପକ ଅବସର ପରେ ଦୁଇ ମାସ ହେଲା ଅର୍ଥନୀତି ବିଭାଗରେ ମାତ୍ର ଜଣେ ଅଧ୍ୟାପକ ରହିଛନ୍ତି। ସେ ପୁଣି ଯୁକ୍ତ ଦୁଇ ଠାରୁ ଯୁକ୍ତ ତିନି ସମସ୍ତ ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। ପାଠପଢାରେ ଦୀର୍ଘ ଦୁଇ ମାସ ହେଲା ଏମିତି ସମସ୍ୟା ଲାଗିରହିଥିବା ବେଳେ ଅଭିଯୋଗ ପରେ ମଧ ଏ ଦିଗରେ କଲେଜ କତୃପକ୍ଷ କିଛି ବି ପଦକ୍ଷେପ ନେଉ ନାହାନ୍ତି। ଏହା ସହ କଲେଜରେ ଶୌଚାଳୟ ନଥିବା ବେଳେ ବିନା କାରଣରେ କମନ ରୁମ୍କୁ ମଧ ବନ୍ଦ କରି ଦିଆଯାଇଛି। ଫଳରେ କ୍ଲାସ୍ ନଥିବା ସମୟରେ ବିଶ୍ରାମ କରିବା ପାଇଁ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରୀ ମାନେ। ଏହା ସହ କଲେଜର ଅନ୍ୟ କିଛି ଅଧ୍ୟାପକ-ଅଧ୍ୟାପିକା ମଧ ଛାତ୍ରୀଙ୍କୁ ସମର୍ଥନ ଦେଇ ଅଧ୍ୟକ୍ଷାଙ୍କ ବିରୋଧ ଉପରେ ବର୍ଷିଛନ୍ତି। ଅଧ୍ୟାପକ ମାନେ କଲେଜରେ ଚାଲିଥିବା ଅବ୍ୟବସ୍ଥା ନେଇ ମୁହଁ ଖୋଲିଲେ ଅଧ୍ୟକ୍ଷା ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ବିଭିନ୍ନ ପ୍ରକାର ହଇରାଣ କରୁଥିବା ଅଧ୍ୟାପକ ମାନେ ଅଭିଯୋଗ କରିଛନ୍ତି। ୧୯୮୧ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରାତନ ପ୍ରଜାମଣ୍ଡଳ ମହା ବିଦ୍ୟାଳୟକୁ ୪୩ ବର୍ଷ ଚାଲିଥିବା ବେଳେ ଅଧ୍ୟାପକ ଅଭାବ ପିଲାଙ୍କ ପାଠପଢ଼ା ରେ ଏବେ ସମସ୍ୟା ମୁଣ୍ଡ ଟେକିଛି। ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ବିଭିନ୍ନ ବିଭାଗରେ ୧୪ ଶହ ୫୦ ଜଣ ଛାତ୍ରୀ ରହିଥିବା ବେଳେ ପିଲାଙ୍କ ପାଠପଢା ସହ କଲେଜ ପରିଚାଳନା କାର୍ଯ୍ୟ ପାଇଁ ରହିଛନ୍ତି ୭୨ ଜଣ ଷ୍ଟାଫୟ ଯାହା ଆବଶ୍ୟକ ତୁଳନାରେ କାମ ରହିଛି। ସେପଟେ କଲେଜ ଅଧ୍ୟକ୍ଷା କହିଛନ୍ତି ପିଲାଙ୍କ ପାଠପଢ଼ା ପାଇଁ ୬ ଟି ବଡ ହଲ ୧୯ ଟି ଡିପାଟ୍ ମେଣ୍ଟାଲ୍ ରୁମ୍ ରହିଛି। ଏଥିସହ ଫାଇଭ୍-ଟି ରେ ଏକ କୋଟି ଟଙ୍କା ବ୍ୟୟରେ କଲେଜ ପରିସରରେ ଦୁଇ ମହଲା ବିଶିଷ୍ଟ ନୂଆ ବିଲ୍ଡିଙ୍ଗ କାମ ଚାଲିଛି। ସେଥିରେ ସ୍ମାର୍ଟ କ୍ଲାସ ଏବଂ ସାଇନ୍ସ ଲାବ୍ରେଟୋରୀ ସହ ପିଲାଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ରହିଛି। ଅନ୍ୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ବିଭାଗକୁ ଚିଠି ଲେଖାଯାଇଛି। ମାସେ ଭିତରେ ଏହାର ସମାଧାନ ହୋଇଯିବ ବୋଲି କଲେଜ ଅଧ୍ୟକ୍ଷା ରାଜଶ୍ରୀ ମହାପାତ୍ର କହିଛନ୍ତି। ସେପଟେ ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାନେତ୍ରୀ ମୃଣାଳି ଦାଶ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଆନ୍ଦୋଳନରତ ଛାତ୍ରୀଙ୍କୁ ବୁଝାଇଛନ୍ତି ମହାବିଦ୍ୟାଳୟରେ ଛାତ୍ରୀଙ୍କ ଶୋଷ ମେଣ୍ଟାଇବା ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଛାତ୍ରୀଙ୍କ ପାଇଁ କମନ୍ ରୁମ ଖୋଲିବା, ପରିତ୍ୟକ୍ତ ହୋଇ ପଡ଼ି ରହିଥିବା ଶୌଚାଳୟ ମରାମତି ସହ ଡିପାର୍ଟମେଣ୍ଟ ଏବଂ ମ୍ୟାନେଜମେଣ୍ଟ ଦ୍ୱାରା ଖୁବ୍‌ଶୀଘ୍ର ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେପଟେ ପାଠପଢ଼ା ସମୟ ୯ ଟା ୧୫ ରୁ କ୍ଲାସକୁ ପରିବର୍ତ୍ତନ କରି ୩ ଟା ୧୫ କୁ ରଖାଯାଇଥିବାରୁ ଅଧ୍ୟକ୍ଷା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଧ୍ୟାପକଙ୍କ ମାନେ ଏବଂ ଛାତ୍ରୀ ସୁରକ୍ଷା ନେଇ ପ୍ରଶ୍ନ କରିଛନ୍ତି। ନୟାଗଡ଼ର ଗର୍ବ ଗୌରବ ଅର୍ଜନ କରିଥିବା ଏହି ୧୯୮୧ ମସିହାର ପୁରାତନ ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟସ୍ତ ପାଠପଢ଼ା ଏବଂ ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷାଙ୍କ ଅଣଦେଖା ଘଟଣା ଏବଂ ଏହାର ପ୍ରତିବାଦରେ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଙ୍କ ବିକ୍ଷୋଭ ଅଭିଭାବକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଓସ୍କାର ଦୌଡ଼ରେ 'ଲାପତା ଲେଡିଜ୍'

**ମୁମ୍ବାଇ,୨୩।୯(ଏଜେନ୍ସି):** ଫିଲ୍ମ 'ଲାପତା ଲେଡିଜ୍'କୁ ମିଳିଲା ଅଫିସିଆଲ୍ ଏଣ୍ଟ୍ରି, ଇଣ୍ଡିଆ ଦି ଓସ୍କାର ଆୱାର୍ଡରେ ମିଳିଲା ଏଣ୍ଟ୍ରି । ଏପରି ହେବା ନେଇ ଆଶା କରିନଥିଲେ ଫିଲ୍ମର ନିର୍ଦ୍ଦେଶକ



କିରଣ ରାଓ । ଚଳିତ ବର୍ଷ ଅନେକ ଭଲ ସିନେମା ତିଆରି ହୋଇଛି ବୋଲି ସେ ଭାବିଥିଲେ । କିରଣ ରାଓ ନ୍ୟୁଜ୍ ଏଜେନ୍ସି ଏଏନଆଇକୁ କହିଛନ୍ତି, କିନ୍ତୁ ହୃଦୟରେ ଆଶା ଥିଲା, ଆଶା ଥିଲା ଏବଂ ଯେତେବେଳେ ମୁଁ ଜାଣିବାକୁ ପାଇଲି, ମୁଁ ବହୁତ ଖୁସି ଅଛି । କିରଣ ରାଓ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେଇଛନ୍ତି । ତାଙ୍କ କହିବା ଅନୁଯାୟୀ, ଏହି ଫିଲ୍ମରେ ସବୁ ବୟସର ଲୋକଙ୍କ ପାଇଁ କିଛି ନା କିଛି ଅଛି, ତେଣୁ ମୁଁ ଲୋକଙ୍କୁ ଏହି ଫିଲ୍ମ ଦେଖିବାକୁ କହିବି । 'ଲାପତା ଲେଡିଜ୍' ୯୭ତମ ଏକାଡେମୀ ଆୱାର୍ଡରେ ଭାରତର ପ୍ରତିନିଧିତ୍ୱ କରିବ । ଜାନୁ ବରୁଆଙ୍କ ନେତୃତ୍ୱରେ ଗଠିତ ୧୩ ଜଣିଆ ଜୁରି ୨୯ଟି ଚଳଚ୍ଚିତ୍ର ତାଲିକାରୁ ଏହି ଚଳଚ୍ଚିତ୍ରକୁ ଓସ୍କାର ପାଇଁ ଚୟନ କରିଥିଲେ । ଏହି ତାଲିକାରେ ୧୨ଟି ହିନ୍ଦୀ ଚଳଚ୍ଚିତ୍ର, ୬ଟି ତାମିଲ ଚଳଚ୍ଚିତ୍ର ଏବଂ ୪ଟି ମାଲାୟଲମ୍ ଚଳଚ୍ଚିତ୍ର ରହିଛି । ନିତାଂଶୀ ଗୋୟଲ, ପ୍ରତିଭା ରଣ୍ଟା, ସ୍ପର୍ଶ ଶ୍ରୀବାସ୍ତବ ଏବଂ ରବି କିଶନଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଗ୍ରାମୀଣ ପୃଷ୍ଠଭୂମିର ମହିଳାଙ୍କ ଜୀବନ ଉପରେ ଆଧାରିତ ।

# ଝିଅଙ୍କୁ ଅନେଇବନି, ଦାଢ଼ି କାଟିବନି

## ଯୁବକମାନଙ୍କୁ ତାଲିବାନର ନିର୍ଦ୍ଦେଶ

**କାବୁଲ,୨୩।୯(ଏଜେନ୍ସି):** ଆଫଗାନିସ୍ତାନରେ ତାଲିବାନ ମହିଳାଙ୍କ ଉପରେ ଅନେକ ପ୍ରତିବନ୍ଧକ ଲଗାଇବା ଏବଂ ସେମାନଙ୍କୁ ସେମାନଙ୍କ ଘର ଭିତରେ ସୀମିତ ରଖିବା ପରେ ଏବେ ପୁରୁଷଙ୍କ ଉପରେ ମଧ ସମାନ କଟକଣା ଲଗାଇଛି । ସେମାନେ ଆଉ ଫ୍ୟାଶନେବଲ ହାଲୁକା ଦାଢ଼ି ରଖିପାରିବେ ନାହିଁ; ଅର୍ଥାତ୍ ସେମାନଙ୍କୁ ଲମ୍ବା ଦାଢ଼ି ବଜାୟ ରଖିବାକୁ ପଡ଼ିବ । ସେମାନେ ଜିନ୍ସ ପିନ୍ଧି ପାରିବେ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନେ ଅପରିଚିତ ମହିଳାଙ୍କୁ ସିଧାସଳଖ ଦେଖି ପାରିବେ ନାହିଁ । ଏହି କଟକଣା । ଆଫଗାନିସ୍ତାନରେ ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ।



ୱାଶିଂଟନ୍ ପୋଷ୍ଟ ଏ ନେଇ ଏକ ରିପୋର୍ଟ ପ୍ରକାଶ କରି କହିଛି ଯେ ପୁରୁଷଙ୍କ ଉପରେ ନୂଆ କଟକଣା ସେମାନଙ୍କୁ ଦୁଃଖିତ କରିଛି ଯେ ସେମାନେ ପୂର୍ବରୁ (ମହିଳା ମାନଙ୍କ କ୍ଷେତ୍ରରେ) କାହିଁକି ସ୍ୱର ଉତ୍ତୋଳନ କରିନଥିଲେ । ଯଦି ସେମାନେ ଥାଆନ୍ତେ, ତେବେ ସେମାନେ ଏବେ ଏହି କଟକଣାର ସମ୍ମୁଖୀନ ହୋଇନଥାନ୍ତେ । ତାଲିବାନ ପୁରୁଷଙ୍କ ଉପରେ କେତେକ କଟକଣା ଲଗାଇଛି । ସେମାନେ ଆଉ ଫ୍ୟାଶନେବଲ ହାଲୁକା ଦାଢ଼ି ରଖିପାରିବେ ନାହିଁ। ସେମାନେ ଜିନ୍ସ ପିନ୍ଧି ପାରିବେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେମାନେ ଅପରିଚିତ ମହିଳାଙ୍କୁ ସିଧାସଳଖ ଦେଖି ପାରିବେ ନାହିଁ । ତିନି ବର୍ଷ ତଳେ ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଆସିଥିଲା । ସେହି ସମୟରେ ସେମାନେ ମହିଳାଙ୍କ ଶିକ୍ଷା, ପୋଷାକ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲେ, ଯାହାକୁ ସେମାନେ ସମୟ କ୍ରମେ କାର୍ଯ୍ୟକାରୀ କରି ଚାଲିଥିଲେ । କିନ୍ତୁ ସେତେବେଳେ ସହରାଞ୍ଚଳର ପୁରୁଷମାନେ ସାଧାରଣତଃ ମୁକ୍ତ ଭାବେ ରହୁଥିଲେ । ଏବେ ସେହି ସ୍ୱାଧୀନତା ମଧ ଛଡ଼ାଇ ନିଆଯାଇଛି ।

# ଭାରତରେ ଧର୍ମନିରପେକ୍ଷତାର ଆବଶ୍ୟକତା ନାହିଁ

**ନୂଆଦିଲ୍ଲୀ,୨୩।୯(ଏଜେନ୍ସି):** ତାମିଲନାଡୁ ରାଜ୍ୟପାଳ ଆରଏନ ରବି ଧର୍ମନିରପେକ୍ଷତାର ଜନ୍ମ ଓ ଅର୍ଥ ସମ୍ପର୍କରେ ଦେଇଥିବା ବୟାନ ବିବାଦ ସୃଷ୍ଟି କରିଛି । ରାଜ୍ୟପାଳଙ୍କ ବୟାନକୁ କଂଗ୍ରେସ ଓ ଅନ୍ୟ କିଛି ଦଳ ଦାୟିତ୍ୱହୀନ ମତ ବୋଲି କହିଛନ୍ତି । ରାଜ୍ୟପାଳଙ୍କ ଭଳି ସମ୍ବିଧାନିକ ପଦରେ ବସି ଏପରି ବୟାନ ଦେବା ଅତ୍ୟନ୍ତ ନିନ୍ଦନୀୟ ବୋଲି କଂଗ୍ରେସ କହିଛି । ତାମିଲନାଡୁର କନ୍ୟାକୁମାରୀରେ ଆୟୋଜିତ ଗୋଟିଏ ସର୍ବସାଧାରଣ ସଭାରେ ରାଜ୍ୟପାଳ ରବି କହିଛନ୍ତି ଯେ ଧର୍ମନିରପେକ୍ଷତା ପଶ୍ଚିମର ବହୁତ ଦୂରରୁ ଆସିଛି । ଭାରତରେ ଏହାର କୌଣସି ସ୍ଥାନ ନାହିଁ । ଏ ଦେଶର ଲୋକଙ୍କ ସହ ବହୁତ ଛଳନା କରାଯାଉଛି । ସେମାନଙ୍କୁ ଠକା ଯାଉଛି । ସେମଧ୍ୟରୁ ଗୋଟିଏ ହେଲା, ସେମାନଙ୍କୁ ଧର୍ମନିରପେକ୍ଷତାର ଭୁଲ ଧାରଣା ମଧ୍ୟରେ ଛନ୍ଦି ଦିଆଯାଇଛି । ଧର୍ମନିରପେକ୍ଷତାର ଅର୍ଥ କ'ଣ? ଧର୍ମନିରପେକ୍ଷତା ଗୋଟିଏ ୟୁରୋପୀୟ ଚିନ୍ତାଧାରା । ଏହା ଆଦୌ ଭାରତୀୟ ଚିନ୍ତାଧାରା ନୁହେଁ । ୟୁରୋପରେ ଚର୍ଚ୍ଚ ଓ ରାଜାଙ୍କ ମଧ୍ୟରେ ବିବାଦ ଚାଲିଥିବାରୁ ଧର୍ମନିରପେକ୍ଷକୁ ଅଣା ଯାଇଥିଲା । ଧର୍ମ ଠାରୁ ଭାରତ କେମିତି ଦୂରେଇ ରହିବ? ଧର୍ମନିରପେକ୍ଷତା ଗୋଟିଏ ୟୁରୋପୀୟ ଚିନ୍ତାଧାରାୟ ତା'କୁ ସେଇଠାରେ ରହିବାକୁ ଦିଆଯାଉ । ଭାରତରେ ଧର୍ମନିରପେକ୍ଷତାର କୌଣସି ଆବଶ୍ୟକତା ନାହିଁ । ରାଜ୍ୟପାଳ ରବିଙ୍କ ଏପରି ବୟାନକୁ ସିପିଆଇ(ଏମ) ନେତ୍ରୀ ବ୍ରିନ୍ଦା କରାତ ବିରୋଧ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟପାଳଙ୍କ ବୟାନ ଦର୍ଶାଉଛି ଯେ ସେ ଭାବୁଛନ୍ତି ଯେ ଭାରତର ସମ୍ବିଧାନ ମଧ ଗୋଟିଏ ବିଦେଶୀ ଚିନ୍ତାଧାରା । ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି, ସେମାନେ ରାଜ୍ୟପାଳଙ୍କ ଚୌକିରେ ବସିଛନ୍ତି । କେନ୍ଦ୍ରରେ କ୍ଷମତାସୀନ ବିଜେପି ସେହିମାନଙ୍କୁ ରାଜ୍ୟପାଳ କରୁଛି ଯେଉଁମାନେ ଦେଶର ସର୍ବୋଚ୍ଚ ନିୟମ ବହିକୁ ବିଶ୍ୱାସ କରନ୍ତି ନାହିଁ । କଂଗ୍ରେସ ସାଂସଦ ମଣିକମ ଟାଗୋର ରାଜ୍ୟପାଳଙ୍କ ବୟାନକୁ ସମ୍ବିଧାନ ବିରୋଧୀ ବୋଲି କହିଛନ୍ତି । ସେ କହିଛନ୍ତି, ବିଦେଶରେ ଧର୍ମନିରପେକ୍ଷତା ଭିନ୍ନ ହୋଇପାରେ । କିନ୍ତୁ ଭାରତରେ ଆମେ ଅନ୍ୟ ସବୁ ଧର୍ମକୁ ସମ୍ମାନ କରୁ ଆମେ ଅନ୍ୟ ସବୁ ପରମ୍ପରାକୁ ସମ୍ମାନ ଦେଉ । ଏହା ହିଁ ଭାରତର ଧର୍ମନିରପେକ୍ଷତା ।



# ଅନନ୍ତମୂଖି ଭାଗବତ ପାରାୟଣ



**ନିଶ୍ଚିନ୍ତକୋଇଲି,(ନି.ପ୍ର):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନାହାଙ୍ଗ ଗ୍ରାମପଂଚାୟତ ଶକ୍ତିବିହାର ବାଲିପଡା ବାଲ୍ମିକୀ ଆଶ୍ରମ ଅଢଙ୍ଗ ମଠ ପରିସରରେ ସନ୍ଥ ନିର୍ଭୟାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ଅନନ୍ତ ମୁଖି ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ଏହି ପାରାୟଣ କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦ୍ୟୁମ୍ନ କୁମାର ପଣ୍ଡା,ବିଷ୍ଣୁପ୍ରସାଦ ଷଡଙ୍ଗୀ, ପୂଜକ ଅଭିନ୍ନ ଶତପଥି ପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ ।ଆଜି ପ୍ରତ୍ୟୁଷରୁ ଅପରାହ୍ନ ପର୍ଯ୍ୟନ୍ତ ଭାଗବତ ପାଠ କରାଯାଇଥିଲା । ଏହି ଭାଗବତ ପାରାୟଣରେ ସଦସ୍ୟ ଯୋଗେଶ ଚନ୍ଦ୍ର ସିଂ, ମୋହନ ଚରଣ ସିଂ, ରମେଶ ଚନ୍ଦ୍ର ସିଂ,ବିଜୟ କୁଅଁର, ଅଶୋକ କୁମାର ସାହୁ,ଶିବ ପ୍ରସାଦ ଭୂୟାଁ,ପ୍ରଦିପ୍ତ କିଶୋର ନାୟକ,ରବିନ୍ଦ୍ରନାଥ ସିଂ,ସନାତନ ଧଳ,କ୍ଷୀରୋଦ ପ୍ରସାଦ ଜେନା, ରମେଶ ଜେନା ପ୍ରମୁଖ ଭାଗବତ ପାଠ କରିଥିଲେ । ଏହି ଅନୁଷ୍ଠାନ କଳି କଲୁଷ ନାଶନ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଭାଗବତ,ଗୀତା,ରାମାୟଣ,ଜଗତର ମଙ୍ଗଳ ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପାଠ କଲେ ଭବସାଗରରୁ ଉଦ୍ଧାର ହୋଇପାରିବା ବୋଲି ସ୍ୱାମୀ ନିର୍ଭୟାନନ୍ଦ ଦାସ ମହାରାଜ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଜତ ସାମଲ ,ପଦ୍ମନାଭ ବେହେରା,ଗୋପିନାଥ ସାହୁ,ଶ୍ରୀନିବାସ ଭୂୟାଁ,ଦାମୋଦର ଦାସ, ପୂର୍ନାନନ୍ଦ ବାରିକ, ଅଜୟ ସାହୁ, ସତ୍ୟାନନ୍ଦ ମଳିକ,ମୂଷେଇ ସେଠୀ,ଜଗଦାନନ୍ଦ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

# ସ୍ୱଚ୍ଛତା ପଖୱାଡା ଅଭିଯାନକୁ ବ୍ୟାପକ କରୁଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର,(ନି.ପ୍ର):** ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବୈଶିଷ୍ଟ୍ୟ କୁ ଆଧାରକରି ଭାରତୀୟ ରେଳ ୧୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ପଖୱାଡା ଅଭିଯାନ ପାଳନ କରୁଥିବା ବେଳେ ଅକ୍ଟୋବର ୨ ରେ ମହାତ୍ମା ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ପାଳନ ଉତ୍ସବକୁ ସ୍ୱଚ୍ଛ ଭାରତ ଦିବସ ଭାବେ ପାଳନ କରିବାକୁ ଯୋଜନା କରିଛି । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବ ତଟ ରେଳପଥ ରେଳ ଷ୍ଟେସନ ପରିସର, ଟ୍ରେନ୍, ଅଫିସ୍, କର୍ମଶାଳା, ରକ୍ଷଣାବେକ୍ଷଣ ଡିପୋ, ରେଳ ଡାକ୍ତରଖାନା ଏବଂ ରେଳବାଇ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦେଇ ସ୍ୱଚ୍ଛତା ହିଁ ସେବା ପଖୱାଡା ଆରମ୍ଭ କରିଛି । ନୂଆଦିଲ୍ଲୀରୁ ଏହି ଅଭିଯାନ ଆରମ୍ଭ କରି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର କହିଛନ୍ତି ଯେ ଏହି ଅଭିଯାନ ସାମୂହିକ କାର୍ଯ୍ୟ ତଥା ସ୍ୱଚ୍ଛତା ପ୍ରୟାସରେ ବ୍ୟାପକ ଭାବେ ନାଗରିକଙ୍କ ଯୋଗଦାନକୁ ପ୍ରେରଣା ଯୋଗାଇବ । ଏହି ପଦକ୍ଷେପ ସମସ୍ତ ନାଗରିକ, ସହଭାଗୀ ଏବଂ ଅଂଶୀଦାରମାନଙ୍କୁ ଏକ ସ୍ୱଚ୍ଛ, ସବୁଜ ଭାରତ ନିର୍ମାଣ କରିବାରେ ସକ୍ରିୟ ଭାବରେ ଜଡିତ ହେବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରାଯାଇଅଛି । ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେସ କୁମାର ବେହେରା,



ରେଳପଥର ମୁଖ୍ୟାଳୟ ରେଳ ସଦନ, ଭୁବନେଶ୍ୱରର ଠାରେ ମୁଖ୍ୟାଳୟର କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଇଛନ୍ତି । ସ୍ୱଚ୍ଛତା ସମ୍ବନ୍ଧରେ ମହାତ୍ମା ଗାନ୍ଧୀଙ୍କ ଏକ ସୁନ୍ଦର ଏବଂ ପରିଷ୍କାର ରାଷ୍ଟ୍ର ପାଇଁ ଥିବା ସ୍ୱପ୍ନକୁ ପୂରଣ କରିବା ପାଇଁ ୧୦୦ ଲୋକଙ୍କୁ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା ପାଇଁ ଉତ୍ସର୍ଗ କରିବାକୁ ନିଜ ପରିବାର, ନିଜ ନିଜ ଅଞ୍ଚଳ, କର୍ମକ୍ଷେତ୍ର ମାନଙ୍କରେ ଶ୍ରମଦାନ କରି ସ୍ୱଚ୍ଛତା ଅଭିଯାନକୁ ସାକାର କରାଇବାକୁ କର୍ମଚାରୀ ମାନେ ଶପଥ ନେଇଥିଲେ । ସ୍ୱଚ୍ଛତା ହିଁ ସେବା ପଖୱାଡାକୁ ବ୍ୟାପକ କରାଇବା ପାଇଁ ରେଳ ଯାତ୍ରୀ, ରେଳ ବ୍ୟବହାରକାରୀ ଏବଂ ଭାଗିଦାରୀ/ହିତାଧିକାରୀ ଇତ୍ୟାଦି ମାନଙ୍କ ସହିତ ଜଡିତ ହୋଇ ପୂର୍ବ ତଟ ରେଳପଥ ସ୍ୱଚ୍ଛତା ପଖୱାଡା ସମୟରେ ସଚେତନତା କାର୍ଯ୍ୟକ୍ରମ ଗୁଡିକୁ ବ୍ୟାପକ କରାଇଅଛି । ପରିଷ୍କାର ପରିଚ୍ଛନ୍ନତା, ଏଣେତେଣେ ଆବର୍ଜନା ନଫିଙ୍ଗିବା, ଅନ୍-ବୋର୍ଡ ସମୟରେ ପରିଷ୍କାର ପରିଚ୍ଛନ୍ନତା, ୱାଶିଂ ଲାଇନରେ ପରିଷ୍କାର ପରିଚ୍ଛନ୍ନତା, ରେଲୱେ ୟାର୍ଡ, ଟ୍ରାକରେ, କାର୍ଯ୍ୟକ୍ଷେତ୍ରରେ ପରିଷ୍କାର ପରିଚ୍ଛନ୍ନତା, ପରିବେଷିତ ଖାଦ୍ୟର ଗୁଣବତ୍ତା ଉପରେ ଯାତ୍ରୀଙ୍କ ମତାମତ, ଜଳ ଯୋଗାଣ ଉତ୍ସ ସହିତ ଜଳ ସ୍ଥାପନରେ ସ୍ୱଚ୍ଛତା, ଷ୍ଟେସନରେ ପାନୀୟ ଜଳ ପାଇଁ ଜଳ ଟ୍ୟାପ୍ ଏବଂ ଜଳର ଉପଲବ୍ଧତା; ରେଳ ଷ୍ଟେସନ, କୋଚିଂ ଡିପୋ, ଟ୍ରେନ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଟଏଲେଟ୍ ବ୍ଲକେଜ ଗୁଡିକର ସ୍ୱଚ୍ଛତା ମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଇ ସ୍ୱଚ୍ଛତା ପଖୱାଡା ସମୟରେ ପେଣ୍ଟିଂ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରି ପ୍ରୋତ୍ସାହିତ କରାଯିବାକୁ ବିଶେଷ ଭବେ ପଦକ୍ଷେପ ଗ୍ରହଣ କରାଯାଇଅଛି ।

## ଜିଲାପାଳଙ୍କ ଭଦ୍ରକ କଲେଜ ପରିଦର୍ଶନ

# ସମସ୍ୟାର ସମାଧାନର ଦେଲେ ପ୍ରତିଶ୍ରୁତି

**ଭଦ୍ରକ,(ନି.ପ୍ର):** ଜିଲାପାଳ ଦିଲ୍ଲୀପ ରାଉତରାଏ ଗତ ଶନିବାର ଅପରାହ୍ନରେ ଭଦ୍ରକ କଲେଜ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ତାଙ୍କ ସହ ସହକାରୀ ଜିଲାପାଳଙ୍କ ସମେତ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉପସ୍ଥିତ ରହିଥିଲେ । ଜିଲାପାଳ ଶ୍ରୀ ରାଉତରାଏ ଦୀର୍ଘ ୨ ଘଣ୍ଟା କଲେଜ ପରିସର ବୁଲିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ କଥା ହୋଇଥିଲେ । ବସ୍ତୁତଃ କଲେଜର ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ, କଲେଜର ଜବରଦଖଲ ଜମି ଉଚ୍ଛେଦ, ଅର୍ଦ୍ଧନିର୍ମିତ ଫାଟକର ନିର୍ମାଣ କାର୍ଯ୍ୟ ଶେଷ, ନିର୍ବାଚନ ପରେ କଲେଜର କକ୍ଷଗୁଡିକର ମରାମତି ସହ ଭଂଗାରୁଜା ଅବସ୍ଥାରେ ପଡିରହିଥିବା ଆସବାବ ପତ୍ର ଗୁଡିକର ଆବଶ୍ୟକୀୟ ମରାମତି, ଖେଳପଡିଆ ଓ ବିଦ୍ୟୁତ ସରବରାହର ପୁନରୁଦ୍ଧାର, ଜଳ ନିଷ୍କାସନ ବ୍ୟବସ୍ଥା, ହଷ୍ଟେଲ ଗୁଡିକର ମରାମତି ଓ ନବୀକରଣ ସହ ଅଡିଟରିୟମ୍ ?ର ନିର୍ମାଣ ସଂପର୍କରେ ତଦାରଖ କରିଥିଲେ । ଏହି ଗସ୍ତକାଳରେ ଉପଜିଲାପାଳ ମନୋଜ ପାତ୍ର, କଲେଜ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ଶୈଳେନ୍ଦ୍ର କୁମାର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଡ. ଦେବେନ୍ଦ୍ର ରାଉତ, ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ, ଡ. ପଦ୍ମନାଭ ପତ୍ରୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. କମଳାକାନ୍ତ ଜେନା, ଅଧାପକ ଅଜୟ ସେଠୀ,ଗୋକୁଳାନନ୍ଦ ମହାନ୍ତି, ମନୋଜ ସାହୁଙ୍କ ସହ ବହୁ ଅଧାପକ, ଛାତ୍ରଛାତ୍ରୀ ଉପସ୍ଥିତ ରହି ଜିଲାପାଳଙ୍କ ସହ ଉପରୋକ୍ତ ସମସ୍ୟା ଗୁଡିକର ଦୃଷ୍ଟି ଆକର୍ଷଣ କରିଥିଲେ ।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡା,(ନି.ପ୍ର):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ସାହାସପୁର ବୈଷୟିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଆବିଷ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବ୍ଲକର ଥିବା ୬୧ଟି ପ୍ରାଥମିକ ବିଦ୍ୟାଳୟ ଓ ୧୨ଟି ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ନିଜ ନିଜ ବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ଲେଖାଏଁ କୃତି ପ୍ରତିଯୋଗୀ ଓ ପ୍ରତି ଉଚ୍ଚ ବିଦ୍ୟାଳୟରୁ ପାଞ୍ଚ ଜଣ ଲେଖାଏଁ କରି ୧୫୭ ଜଣ ପ୍ରତିଯୋଗୀ ଆଜି ଏହି ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେଥିରୁ ପ୍ରାଥମିକ ବିଦ୍ୟାଳୟର ଉପ କନିଷ୍ଠ ବର୍ଗରୁ କ୍ରମାନ୍ୱୟରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ କନିଷ୍ଠ ବର୍ଗ ର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ବର୍ଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ସହିତ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଆଜିର ଉଦଘାଟନି ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ ଙ୍କ





ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସରପଞ୍ଚ ସୁଶୀଲ ପଟେଲ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଜନ୍ମାଜୟ ନାଏକ, ପୁଷ୍ପାଞ୍ଜଳି ପଟେଲ, ହରିଶ ଚନ୍ଦ୍ର ନାଏକ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବାରିକ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉଦଯାପନି ଉତ୍ସବରେ କୁଳମଣି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ବିଇଓବିଦେଶୀ ବେହେରା ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବରେ ତନ୍ମୟୀ ଶୁଭଶ୍ରୀ ପିଙ୍ଗ ଓ ସମ୍ମାନିତ ଅତିଥି ଭାବରେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଜନ୍ମାଜୟ ନାଏକ, ହରିଶ ଚନ୍ଦ୍ର ନାୟକ, ପୁଷ୍ପାଞ୍ଜଳି ପଟେଲ, ସୁଶୀଲ ପଟେଲ, ସରୋଜ ନାଏକ ଯୋଗଦେଇ କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ।

## ମଦ କୋଠୀ ବନ୍ଦ କରିବାକୁ ଦାବି



**ନୂଆପଡା,(ନି.ପ୍ର):** ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ବିରିଘାଟ ଗ୍ରାମରେ ଆଜି ମଦ ବିରୋଧି ଆନ୍ଦୋଳନ କରାଯାଇଛି । ଗ୍ରାମରେ ବେଆଇନ ଭାବରେ ଦଶରୁ ଉର୍ଦ୍ଧ୍ୱ ମଦ କୋଠୀ ରହିଛି । ଯାହା ଫଳରେ ଗ୍ରାମର ପୁରୁଷ ଲୋକ ମାନେ ନିଶାଗ୍ରସ୍ତ ହୋଇ ଯାଉଛନ୍ତି । ଘରର ଆର୍ଥିକ ଅବସ୍ଥା ଖରାପ ହେଉଥିବା ବେଳେ କଳି ଝଗଡ଼ା ଲାଗି ରହି ପରିବେଶ ଅଶାନ୍ତି ରହୁଛି । ଏପରିକି ଅନ୍ୟ ଗ୍ରାମର ଅସାମାଜିକ ଯୁବକ ମାନେ ବିରିଘାଟ ଆସି ମଦ୍ୟ ପାନ କରୁଛନ୍ତି ଓ ଗ୍ରାମରେ ମହିଳା ମାନଙ୍କୁ ଦୁର୍ବ୍ୟବହାର ଦେଉଛନ୍ତି । ଏସବୁ କାରଣ ପାଇଁ ସେମାନେ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗ କରି ଯଥାଶୀଘ୍ର କୋଠୀ ସବୁ ବନ୍ଦ କରିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ଦାବି କରିଛନ୍ତି । ଆଜି ସ୍ଥାନୀୟ ସରପଞ୍ଚ ରଞ୍ଜିତା କାଣ୍ଡଙ୍କ ନେତୃତ୍ୱରେ ସେମାନେ ଗ୍ରାମରେ ରେଲୀ କରି ଲୋକଙ୍କୁ ସଚେତନ କରିବା ସହ ମଦ ବେପାରୀ ମାନଙ୍କୁ ଚେତାବନୀ ଦେଇଛନ୍ତି ଓ କୋଠୀ ବନ୍ଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ଖଡ଼ିଆଳ ଅବକାରୀ ଅଧିକାରୀ ସଂଜୀବ କୁମାର ବେହେରାଙ୍କୁ ପଚାରିବାରୁ ତଦନ୍ତ କରି ବେପାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି ।

# ଗରାପୁରରେ ହଜରତ ଦିୱାନ ମୂଷା ବାବାଙ୍କ ଉର୍ସ ଉତ୍ସବ ପାଳିତ

**କେନ୍ଦ୍ରାପଡ଼ା,(ନି.ପ୍ର):** ପ୍ରତିବର୍ଷ ପରି ଚଳିତବର୍ଷ ହଜରତ୍ ସୟଦ୍ ଦିୱାନ ମୂଷା ବାବାଙ୍କ ମହା ଆଡମ୍ବରରେ ଦୁଇଦିନିଆ ଉର୍ସ ଉତ୍ସବ ଗରାପୁରଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ କୋରାନ୍ ପାଠ ଓ ହଦିସ୍ ପାଠ ଉପରେ ପ୍ରତିଯୋଗିତା ହୋଇଥିଲା । ପିଲାମାନେ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ ଓ ଚାଦର ଶୋଭାଯାତ୍ରା ହୋଇଥିଲା ଏବଂ ଦ୍ୱିତୀୟ ଦିନରେ ଏକ ପ୍ରବଚନ ଓ ସାୟର୍‌ମାନଙ୍କର ସଭା ଅନୁଷ୍ଠିତ ହୋଇଥିଲା । ମୁଫ୍‌ତି ମୁସରଫ୍ ରଜା ମିସ୍‌ବାହି, ସଲିମ୍ ରଜା ବରେଲୱି, ଫୈଜୁଲ ହବିବ୍ ନୁରି, ମୁଫ୍‌ତି ରିୟାଜତ୍ ହୋସେନ୍ ଆଜହାରି, ମୁଫ୍‌ତି ଫୁରକାନ୍ ରଜା ମନ୍‌ଜରି, କାରି ମନୱର ହୋସେନ ହବିବି, ଶମିୱିଲ ଅଖତର୍ ମୁଜାହିଦ୍, ଅସଗର ରଜାଉଲ୍‌କାଦରି ପ୍ରମୁଖ ପ୍ରବଚନ ଦେଇଥିଲେ । ସାୟରମାନେ ମହମ୍ମଦଙ୍କ ବାଣୀ ଉପରେ ସାୟରି ଗାନ କରିଥିଲେ । ଏହି ତକରିଦ୍ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଇନାୟତ୍(ଚନ୍ଦନ), କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ କୁମାର ମହାନ୍ତି, ବିଜେପି ନେତା ଅଭିମନ୍ୟୁ ଗୋଛାୟତ, ମୃତ୍ୟୁଞ୍ଜୟ ମହାନ୍ତି, ଅବଦୁଲ ସଲିମ୍ ଖାନ୍, ସେକ୍ ଚାନ୍ଦବାବୁ, ସୟଦ୍ ସମସେର ଅଲ୍ଲୀ, ସେକ୍ ଜୁବୁନା, ସେକ୍ ମୁକ୍ତାର, ସେକ୍ ସମି, ମିର୍ ଅମ୍ବର ଅଲ୍ଲୀ, ସେକ୍ ଲାଲବାବୁ, ସେକ୍ ଅଲ୍ଲୀଜାନ, ମିର୍ ସଫିକ୍, ସେକ୍ ବାସା, ସେକ୍ ପିଣ୍ଟୁ, ମୈନୁ ଖାନ୍, ସେକ୍ ଟୁକୁଲୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ଶିବିର

ଏରସମା, (ନିପ୍ର) : ଏରସମା ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୭ତାରିଖ, ଶୁକ୍ରବାର ଦିନ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହେବ । ଅନୁଷ୍ଠିତ ହେବାକୁ ଥିବା ଶିବିରରେ ଏରସମା ବ୍ଲକର ୟୁଡିଆଇଡି ସାର୍ଟିଫିକେଟ ବା କାର୍ଡ କରିନଥିବା ଭିନ୍ନକ୍ଷମ ଭାଇ ଭାଉଣୀମାନେ ଯୋଗଦେବାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ କୁମାର ନାୟକ ସୂଚନା ଦେଇଛନ୍ତି । ଏହି ଶିବିରକୁ ଆସିବା ପୂର୍ବରୁ ଭିନ୍ନକ୍ଷମ ଭାଇ ଭଉଣୀମାନେ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଆବଶ୍ୟକ କାଗଜପତ୍ର ଦାଖଲ କରି ନିଜ ନାମ ପଞ୍ଜୀକରଣ କରିବା ସହ ସେଠାରୁ ରସିଦ୍ ଆଣି ଉକ୍ତ ଶିବିରକୁ ଆସିବାକୁ ଅନୁରୋଧ କରାଯାଇଛି । ତେବେ ଭିନ୍ନକ୍ଷମ ଭାଇଭଉଣୀମାନେ ଏହି ଶିବିରକୁ ଆସିବା ବେଳେ ପଞ୍ଜିକୃତ ରସିଦ୍ ସହିତ ନିଜ ନିଜର ୨ଟି ପାସ୍‌ପୋର୍ଟ ସାଇଜ ଫଟୋ, ଆଧାର କାର୍ଡ ନକଲ, ପୂର୍ବ ହାତଲେଖା ଭିନ୍ନକ୍ଷମ ପ୍ରମାଣପତ୍ର ଆଣି ଏଠାରେ ଡାକ୍ତରଙ୍କୁ ଦେଖା କରିପାରିବେ ।

# ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଂଟ୍ : ଡ୍ରାଗନ କ୍ଲବ, ଦୁଦୁରକୋଟ ୨-୦ ଗୋଲରେ ବିଜୟୀ



ଢେଙ୍କାନାଳ, (ନିପ୍ର) : ଜିଲ୍ଲା କ୍ରୀଡ଼ା ସଂଘ ଆୟୋଜନରେ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଂଟ୍ ଗତ ୮ତାରିଖରୁ ଅନୁଷ୍ଠିତ ହେଉଛି । ଏଥିରେ ବିଭିନ୍ନ ଅଂଚଳରୁ ମୋଟ୍ ୨୨ଟି ଦଳ ଭାଗ ନେଇଛନ୍ତି । ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଢେଙ୍କାନାଳର କାଶିଆଡିହି କ୍ଲବ ଏବଂ ଦୁଦୁରକୋଟର ଡ୍ରାଗନ କ୍ଲବକୁ ଭେଟିଥିଲା । ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ୍, ସଂଗଠକ ତଥା ଢେଙ୍କାନାଳ ମୁନିସିପାଲିଟି ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ଯୋଗଦେଇ ଖେଳକୁ ଶୁଭାରମ୍ଭ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚ ରେଫ୍‌ରି ଭାବେ ଦିଗ୍‌ବିଜୟ କୁମାର ଦାସ (ମୁଖ୍ୟ), ଅମୁଲ୍ୟ ସାମଲ, ଦେବରାଜ ସ୍ୱାଇଁ, ଆଶୀର୍ବାଦ କାନୁନଗୋ ଉପସ୍ଥିତ ଥିବାବେଳେ ମ୍ୟାଚ କମିଶନର ମାୟାଧର ସାହୁ କାର୍ଯ୍ୟ ତୁଲାଇଥିଲେ । ଘୋଷକ ଭାବେ ପ୍ରେମାନନ୍ଦ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ । ଆଜିର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଡ୍ରାଗନ କ୍ଲବ ୨ଟି ଗୋଲ୍ ସ୍କୋର କରିଥିଲେ ।

# କାନପୁରରେ ବର୍ଷା ବିଗାଡ଼ିବ ଦ୍ୱିତୀୟ ଟେଷ୍ଟ






କାନପୁର, ୨୪।୯: ଭାରତୀୟ ଦଳ ଘରୋଇ ମାଟିରେ ବାଂଲାଦେଶ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି । ଚେନ୍ନାଇରେ ଖେଳା ଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୨୮୦ ରନରେ ବିଜୟ ହାସଲ କରି ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୭ରୁ କାନପୁରରେ ଖେଳାଯିବ ।ମାତ୍ର ଏହା ପୂର୍ବରୁ ପ୍ରଶଂସକଙ୍କ ପାଇଁ ଆସିଛି ନିରାଶଜନକ ଖବର। କାନପୁର ଟେଷ୍ଟରେ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି ଯଦି ଏମିତି ହୁଏ ତେବେ ମ୍ୟାଚ୍‌ର ଫଳାଫଳ ବାହାରିବା ମୁସ୍କିଲ। ପ୍ରଶଂସକଙ୍କ ମନରେ ଏହି ପ୍ରଶ୍ନ ଉଙ୍କି ମାରୁଥିବ ଯେ, କଣ ପା଼ ଦିନ ଯାଏ ବର୍ଷା ହେବ? Accuweather ମୁତାବକ କାନପୁରରେ ସେପ୍ଟେମ୍ବର ୨୭ରେ ପ୍ରଥମ ଦିନ ଖେଳରେ ୯୨ ପ୍ରତିଶତ ବର୍ଷା ହେବାର ଆଶଙ୍କା ରହିଛି। ଏହି ଦିନ ସର୍ବାଧିକ ତାପମାତ୍ରା ପାଖାପାଖି ୨୯ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ରହିପାରେ। ଆକାଶରେ ବାଦଲ ଛାଇ ରହିବାର ୯୯ ପ୍ରତିଶତ ଆଶଙ୍କା ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୨ କିଲୋମିଟର ରହିପାରେ।

ଅନୁଯାୟୀ, ଦ୍ୱିତୀୟ ଟେଷ୍ଟର ପ୍ରଥମ ୩ ଦିନ ପର୍ଯ୍ୟନ୍ତ ସବୁଠୁ ଅଧିକ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ପ୍ରଥମ ଦିନ ୯୨ ପ୍ରତିଶତ, ଦ୍ୱିତୀୟ ଦିନ ୮୦ ପ୍ରତିଶତ ଓ ତୃତୀୟ ଦିନ ୫୯ ପ୍ରତିଶତ ବର୍ଷା ହେବାର ଆଶଙ୍କା ରହିଛି। ଶେଷ ଦୁଇ ଦିନରେ ୩ ଏବଂ ୧ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ମ୍ୟାଚ୍‌ର ପ୍ରଥମ ଦୁଇ ଦିନ ଖେଳ ଆରମ୍ଭ ହେବା ନେଇ ମୁସ୍କିଲ ଲାଗୁଛି।

କାନପୁର ଟେଷ୍ଟରେ ବର୍ଷା ଆଶଙ୍କା
ସେପ୍ଟେମ୍ବର ୨୭- ୯୨ ପ୍ରତିଶତ
ସେପ୍ଟେମ୍ବର ୨୮- ୮୦ ପ୍ରତିଶତ
ସେପ୍ଟେମ୍ବର ୨୯- ୫୬ ପ୍ରତିଶତ
ସେପ୍ଟେମ୍ବର ୩୦- ୩ ପ୍ରତିଶତ
ଅକ୍ଟୋବର ୧- ୧ ପ୍ରତିଶତ

ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍, ବିରାଟ କୋହଲି, କେଏଲ ରାହୁଲ, ସରଫରାଜ ଖାନ, ଋଷଭ ପନ୍ତ(ୱିକେଟ୍ କିପର), ଧ୍ରୁବ ଜୁରେଲ(ୱିକେଟ୍ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ୍, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ, ଯଶପ୍ରୀତ ବୁମରା ଓ ଯଶ ଦୟାଲ।

# ରେକର୍ଡ ଭାଙ୍ଗିବା ଅପେକ୍ଷାରେ ରୋହିତ-ଅଶ୍ୱିନୀ-ଜାଡେଜା

ନୂଆଦିଲ୍ଲୀ: ଭାରତ ବିପକ୍ଷ ଚେନ୍ନାଇ ଟେଷ୍ଟରେ ବିଜୟ ହାସଲ କରିବା ପରେ ସିରିଜ ମୂଳପୋଛ କରିବା ଲକ୍ଷରେ ରହିଛି ଭାରତ। କାନପୁର ଟେଷ୍ଟ ପାଇଁ ଟିମ ଇଣ୍ଡିଆ ଆରମ୍ଭ କରିଛି ନୂଆ ପ୍ଲାନ। ସେପଟେ ଦ୍‌ିତୀୟ ଟେଷ୍ଟ ଜିତି ସିରିଜ ବରାବର କରିବା ପାଇଁ ବାଂଲାଦେଶ ଆଶା ରଖିଛି । ତେବେ ଟିମ ଇଣ୍ଡିଆ ପାଇଁ କାନପୁର ଟେଷ୍ଟ ଖୁବ ସ୍ପେଶାଲ ହୋଇପାରେ ଏହି ମ୍ୟାଚରେ ଅନେକ ରେକର୍ଡ ଭାଙ୍ଗିବାର ସମ୍ଭାବନା ରହିଛି । ବିଶେଷ କରି ଟିମ ଇଣ୍ଡିଆର ଆରଆରଆର (ରୋହିତ ଶର୍ମା-ରବିନ୍ଦ୍ର ଜାଡେଜା-ରବିଚନ୍ଦ୍ରନ ଅଶ୍ବୀନ)ଙ୍କ ପାଖରେ ଅନେକ ରେକର୍ଡ ଭାଙ୍ଗିବାର ସୁବର୍ଣ୍ଣ ସୁଯୋଗ ରହିଛି। ତେଣୁ ଏହି ୩ ଜଣ ଭେଟେରାନ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିବ।

ବାଂଲାଦେଶ ବିପକ୍ଷ କାନପୁର ମ୍ୟାଚ୍ ବିଜୟ ପରେ ଭାରତ ଟେଷ୍ଟ କ୍ରିକେଟର ସବୁଠାରୁ ସଫଳ ଟିମ୍ ଭାବରେ ଆଉ ଏକ ପରିଚୟ ହାସଲ କରିପାରେ। ଏହି ମ୍ୟାଚରେ ବାଂଲାଦେଶକୁ ପରାସ୍ତ କରି ପାରିଲେ ଟିମ ଇଣ୍ଡିଆ। ଟେଷ୍ଟ କ୍ରିକେଟର ଚତୁର୍ଥ ସଫଳ ଦଳ ଭାବରେ ବିବେଚିତ ହୋଇପାରିବ। ବର୍ତ୍ତମାନ ସୁଦ୍ଧା ଭାରତ ୫୮୦ ଟେଷ୍ଟରୁ ୧୭୯ ମ୍ୟାଚରେ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ମଧ୍ୟ ୧୭୯ଟି ମ୍ୟାଚ୍ ଜିତି ଚତୁର୍ଥ ସ୍ଥାନରେ କବଜା କରିଛି। କିନ୍ତୁ କାନପୁର ବିପକ୍ଷ ଟେଷ୍ଟ ବିଜୟ ପରେ ଭାରତ ଦକ୍ଷିଣ ଆଫ୍ରିକାକୁ ପଛରେ ପକାଇ ଚତୁର୍ଥ ସ୍ଥାନ ହାସଲ କରିପାରିବ। କାନପୁର ଟେଷ୍ଟରେ ୯ ୱିକେଟ ହାସଲ କରି ଅଶ୍ବୀନ, ନାଥନ୍ ଲିୟୋନଙ୍କୁ ପଛରେ ପକାଇବାର ସୁଯୋଗ ପାଇବେ। ଲିୟୋନ ବର୍ତ୍ତମାନ ସୁଦ୍ଧା ୧୨୯ଟି ଟେଷ୍ଟରୁ ୫୩୦ ୱିକେଟ ନେଇଥିବା ବେଳେ ଅଶ୍ବିନ ୧୦୧ ଟେଷ୍ଟ ମ୍ୟାଚରୁ ୫୨୨ଟି ସଫଳତା ହାସଲ କରିଛନ୍ତି। ଏହାବ୍ୟତୀତ ଅଶ୍ବୀନ ଟେଷ୍ଟ ମ୍ୟାଚର ଗୋଟିଏ ଇନିଂସରେ ସର୍ବାଧିକ ୫ ୱିକେଟ ହଲ୍ ନେବା ତାଲିକାରେ ସେନ୍ ୱାର୍ଣ୍ଣଙ୍କୁ ମଧ୍ୟ ପଛରେ ପକାଇପାରନ୍ତି। ସେହିପରି ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ୩୦୦ ୱିକେଟ ହାସଲ କରିବାର ଖୁବ ନିକଟରେ ରହିଛନ୍ତି।କାନପୁର ଟେଷ୍ଟରେ ଆଉ ମାତ୍ର ଗୋଟିଏ ୱିକେଟ ହାସଲ କରିବା ମାତ୍ରେ ଜାଡେଜା ୩୦୦ ୱିକେଟ ନେବାର ସ୍ପେସାଲ ଉପଲବ୍ଧି ହାସଲ କରିବେ । ଇଣ୍ଟରନେସନାଲ କ୍ରିକେଟରେ ଶତକ ମାମଲାରେ ରାହୁଲ ଦ୍ରାବିଡଙ୍କୁ ପଛରେ ପକାଇ ପାରନ୍ତି। ଅଧିନାୟକ ରୋହିତ ଶର୍ମା ଦ୍ରାବିଡ ଏବଂ ରୋହିତ ଉଭୟଙ୍କ ନାମରେ ୪୮ଟି ଶତକ ରହିଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ରୋହିତ ଶତକ ହାସଲ କଲେ ଏହି ରେକର୍ଡ ନିଜ ନାମରେ କରିପାରିବେ। ଅନ୍ୟ ପକ୍ଷରେ ବିରାଟ କୋହଲି ମଧ୍ୟ ଏକ ରେକର୍ଡର ଅଧିକାରୀ ହୋଇପାରନ୍ତି। ଏହି ମ୍ୟାଚରେ ୩୫ ରନ୍ କରିବା ମାତ୍ରେ ବିରାଟ ଇଣ୍ଟରନେସନାଲ କ୍ରିକେଟରେ ୨୭ ହଜାର ରନ୍ ପୂରଣ କରିବେ।ଏହି ତାଲିକାରେ ବିରାଟ ଚତୁର୍ଥ ଖେଳାଳି ହୋଇପାରନ୍ତି ।ଏହାବ୍ୟତୀତ ବିରାଟଙ୍କ ପାଖରେ ୯୦୦୦ ଟେଷ୍ଟ ରନ୍ ଏବଂ ସର୍ବାଧିକ ୩୦ ଶତକ ହାସଲ କରିବାର ସୁଯୋଗ ମଧ୍ୟ ରହିଛି।



# ପୁଣି କଡ଼ା ଟକ୍କର ଅପେକ୍ଷାରେ କୋଣାର୍କ ସୂର୍ଯ୍ୟାସ ଓଡ଼ିଶା

**ସୁରଟ, ୨୪।୯(ଏଜେନ୍ସି):** ଚଳିତ ଲିଜେଣ୍ଡସ୍ ଲିଗ କ୍ରିକେଟରେ ଶୁକ୍ରବାର କୋଣାର୍କ ସୂର୍ଯ୍ୟାସ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରି ୨ ରନରେ ମଣିପାଲ ଟାଇଗର୍ସଙ୍କୁ ପରାସ୍ତ କରିଛି। ବର୍ତ୍ତମାନ ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍ ୨୦୨୪ରେ କୋଣାର୍କ ସୂର୍ଯ୍ୟାସ୍ ଓଡ଼ିଶା ଦ୍ୱିତୀୟ ବିଜୟ ଉପରେ ନଜର ରଖିଛି। ରାଜସ୍ଥାନର ଯୋଧପୁରସ୍ଥିତ ବରକତୁଲ୍ଲା ଖାନ୍ ଷ୍ଟାଡିୟମରେ ଖେଳାଯାଇଥିଲା ପ୍ରଥମ ମ୍ୟାଚରେ କଡ଼ା ସଂଘର୍ଷ ପରେ ପରବର୍ତ୍ତୀ ମ୍ୟାଚ୍ ସୁରଟରେ ସେପ୍ଟେମ୍ବର

## ସୁରଟରେ ପହ଼ିଲା ଇର୍ଫାନ୍ ପଠାନଙ୍କ ଦଳ

୨୭ରେ ଖେଳାଯିବ। ଏହି ମ୍ୟାଚରେ ପୁଣିଥରେ ମଣିପାଲ ଟାଇଗର୍ସ ସହିତ ମୁହାଁମୁହିଁ ହେବ। ଇରଫାନଙ୍କ ଟିମ୍ ଯାହା ସୁରଟର ଲାଲବାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଖେଳାଯିବ।

ଚଳିତ ସିଜନରେ ଏହା ମଣିପାଲ ଟାଇଗର୍ସର ଦ୍‌ିତୀୟ ମ୍ୟାଚ୍ ହେବ ପ୍ରତିଦ୍ୱନ୍ଦ୍ୱୀ ଦଳ ବିଜୟ ସହ ଖାତା ଖୋଲିବାକୁ ଚାହିଁବେ, କୋଣାର୍କ ସୂର୍ଯ୍ୟାସ ଓଡ଼ିଶା ଦ୍ୱିତୀୟ ବିଜୟ ସହିତ ଆଉ ଦୁଇଟି ପଏଣ୍ଟ ପାଇବାକୁ ଲକ୍ଷ୍ୟ ରଖିଛି। କୁହାଯାଉଛି ଯେ ପିଚ୍ ଧିମା ଥିଲା ଓ ବୋଲରଙ୍କୁ ସୁହାଉଥିଲା। ଯେଉଁଥିପାଇଁ କୋଣାର୍କ ସୂର୍ଯ୍ୟ ଓଡ଼ିଶା ବୋର୍ଡରେ ଅଧିକ ରନ୍ ଯୋଡି ପାରିନଥିଲା। ତେଣୁ ଆଗାମୀ ମ୍ୟାଚ୍ ଗୁଡିକରେ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ୟୁସୁଫ୍ ପଠାନ୍ ଏବଂ ରସ୍ ଟେଲରଙ୍କ ପରି କିଛି ପାୱାର୍ ହିଟର୍ ସହିତ ଦଳ ବର୍ତ୍ତମାନ ସନ୍ତୁଳିତ ଦେଖାଯାଉଛି। ପ୍ରାୟତଃ ବିଜୟ ଦଳ ତାର ପରବର୍ତ୍ତୀ ମ୍ୟାଚରେ ପ୍ଲେଇଂ ୧୧ ବଜାୟ ରଖନ୍ତି ଯେତେବେଳେ ଆମେ ଲିଜେଣ୍ଡସ୍ ଲିଗ୍ ବିଷୟରେ କଥା ହୋଇଥାଉ, ଏହା ଅବସରପ୍ରାପ୍ତ ଖେଳାଳି ମାନଙ୍କ ବିଷୟରେ ପ୍ରଥମେ ଆସିଥାଏ। ସେପଟେ ପୂର୍ବତନ ରଣଜୀ କ୍ରିକେଟର ନଟରାଜ ବେହେରାଙ୍କୁ ଏହି ମ୍ୟାଚରେ ଖେଳିପାରନ୍ତି। ଯାହା ଓଡ଼ିଆ ଫ୍ୟାନଙ୍କ ପାଇଁ ଖୁସି ଆଣିବ। ଯଦିଓ ଓଡ଼ିଶାର ଏହି ପୂର୍ବତନ ଦମଦାର ବ୍ୟାଟ୍‌ସମ୍ୟାନ ସାମିଲ ହେବା ବିଷୟରେ କୌଣସି ସୂଚନା ସାମ୍ନାକୁ ଆସିନାହିଁ, କିନ୍ତୁ ସେ ଦଳରେ ନିଜର ଦମଦାର ପ୍ରଦର୍ଶନ ଦେଖାଇବେ ବୋଲି ସମସ୍ତେ ଆଶା କରୁଛନ୍ତି।



# ଡବ୍ଲୁଟିସି ପଏଣ୍ଟ ଟେବୁଲରେ ଉପରକୁ ଉଠିଲା ଶ୍ରୀଲଙ୍କା

ଦୁବାଇ, ୨୪।୯: ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଭାରତ ତାର ସ୍ଥିତିକୁ ମଜବୁତ କରିବାରେ ଲାଗିଛି। ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନରେ ହରାଇବା ପରେ ଭାରତ ଫାଇନାଲ ଖେଳିବା ଦିଗରେ ଆଉ ପାଦେ ଆଗକୁ ବଢ଼ିଛି। ସେହିପରି ଶ୍ରୀଲଙ୍କା ଶକ୍ତିଶାଳୀ ନ୍ୟୁଜିଲ୍ୟାଣ୍ଡକୁ

## ଶକ୍ତିଶାଳୀ ନ୍ୟୁଜିଲାଣ୍ଡକୁ ହରାଇଲା

ଚମତ୍କାର ଢଙ୍ଗରେ ହରାଇ ଦେଇ ଫାଇନାଲ ଖେଳିବା ଆଶା ଉଜ୍ଜୀବିତ ରଖିଛି।ଭାରତର ବିଜୟ ପ୍ରତିଶତ ପଏଣ୍ଟ ୭୧.୬୭ ରହିଥିବା ବେଳେ ଶ୍ରୀଲଙ୍କା ୫୦% ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୬୨.୫୦ ରହିଛି।

ଗାଲେରେ ଖେଳା ଯାଉଥିବା ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟକୁ ଶ୍ରୀଲଙ୍କା ୬୩ ରନରେ ଜିତି ନେଇଛି।ଶେଷ ଦିନରେ ଧନଞ୍ଜୟ ଡିସିଲଭାଙ୍କ ଦଳ ବିଜୟ ହାସଲ କରିଛି।ଶ୍ରୀଲଙ୍କା ପାଇଁ ପ୍ରଭାତ ଜୟସୂରିୟା ମ୍ୟାଚ୍‌ରେ ୨୦୪ ରନରେ ୯ଟି ୱିକେଟ ନେଇ ବିଜୟର ନାୟକ ସାଜିଛନ୍ତି।

ଶ୍ରୀଲଙ୍କା ପ୍ରଥମ ଇନିଂସରେ କାମିନ୍ଦୁ ମେଣ୍ଡିସଙ୍କ ୧୧୪ ରନ ବଳରେ ସମସ୍ତ କେଟ ହରାଇ ୩୦୫ ରନ କରିଥିଲା ଏହାର ଜବାବରେ ନ୍ୟୁଜିଲ୍ୟାଣ୍ଡ ୩୪୦ ରନ କରି ଗୁରୁତ୍ୱପୂର୍ଣ୍ଣ ୩୫ ରନର ଲିଡ ପାଇଥିଲା। ଦ୍ୱିତୀୟ ଇନିଂସରେ ଶ୍ରୀଲଙ୍କା ୩୦୯ ରନ କରିବାକୁ ମ୍ୟାଚ୍ ଜିତିବା ପାଇଁ ନ୍ୟୁଜିଲ୍ୟାଣ୍ଡକୁ ୨୭୫ ରନର ଟାର୍ଗେଟ ମିଳିଥିଲା। ହେଲେ ଶ୍ରୀଲଙ୍କାର ସ୍ପିନ ଜାଲରେ ଭ୍ରମଣକାରୀ ଦଳର ବ୍ୟାଟରମାନେ ଫସି ଯାଇଥିଲେ ରଚିନ ରବୀନ୍ଦ୍ର ଶେଷ ଯାଏ ୯୨ ରନ କରି ଲଢ଼ିଥିଲେ ହେଁ ଦଳକୁ ଜିତାଇ ପାରି ନଥିଲେ। ଶେଷ ଦିନରେ ସେ ନ୍ୟୁଜିଲ୍ୟାଣ୍ଡର ୯ମ ବ୍ୟାଟର ଭାବେ ଆଉଟ ହୋଇଥିଲେ ତାଙ୍କ ୱିକେଟ ମଧ୍ୟ ପ୍ରଭାତ ନେଇଥିଲେ। ସେହିପରି ଶେଷ ବ୍ୟାଟର ଭାବେ ୱିଲିୟମ ଓରୌରକେ ମଧ୍ୟ ପ୍ରଭାତଙ୍କ ଶିକାର ବନିଥିଲେ। ପ୍ରଥମ ଇନିଂସରେ ସେ ୪ଟି ୱିକେଟ ନେଇଥିବା ବେଳେ ଦ୍ୱିତୀୟ ଇନିଂସରେ ୫ ସଫଳତା ପାଇଛନ୍ତି। ଏହି ବିଜୟ ପରେ ଶ୍ରୀଲଙ୍କେ ପଏଣ୍ଟ ଟେବୁଲରେ ନ୍ୟୁଜିଲ୍ୟାଣ୍ଡକୁ ତଳକୁ ଠେଲି ତୃତୀୟ ସ୍ଥାନରେ ପହ଼ ଯାଇଛି। ନ୍ୟୁଜିଲ୍ୟାଣ୍ଡର ବିଜୟ ପ୍ରତିଶତ ପଏଣ୍ଟ ୪୨.୮୬କୁ ଖସି ଯାଇଛି। ଇଂଲଣ୍ଡ ୪୨.୧୯ ସହ ୫ମ, ବାଂଲାଦେଶ ୩୯.୨୯ସହ ୬ଷ୍ଠ, ୩୮.୮୯ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକା ୭ମ, ପାକିସ୍ତାନ ୮ମ ଓ ୱେଷ୍ଟଇଣ୍ଡିଜ ୯ମ ସ୍ଥାନରେ ରହିଛି।




## ଆଜିଠୁ ପାରାଦୀପରେ ୬୩ ତମ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା ସାହାଣୀ କପ ଫୁଟବଲ

ପାରାଦୀପ, ୨୪।୯: ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଫୁଟବଲ ଆସୋସିଏସନ ଓଡିଶା ମିଳିତ ସହଯୋଗରେ ୬୩ତମ ସିନିୟର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ପ୍ରତିଯୋଗିତା 'ସାହାଣୀ କପ' ଚଳିତ ମାସ ସେପ୍ଟେମ୍ବର ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଫୁଟବଲ ଜିଲ୍ଲା ର ୮ ଟି ଦଳର ପାଖାପାଖି ୧୮୪ ଜଣ ଖେଳାଳି ଓ ୨୦ ଜଣ ଅଫିସିଆଲ ଓ ଚୟନକର୍ତ୍ତା ଯୋଗଦେବେ। ଜିଲ୍ଲା ଗୁଡିକୁ ୨ ଟି ପୁଲରେ ଅର୍ଥାତ ଗୋଟିଏ ପୁଲରେ ୪ ଗୋଟି ଦଳ ହିସାବରେ ଲିଗ ମ୍ୟାଚ ଖେଳିବେ । ପ୍ରତ୍ୟେକ ପୁଲର ବିଜେତା ଅକ୍ଟୋବର ୨ ତାରିଖ ଦିନ କ୍ୱାଟର ଫାଇନାଲ ଖେଳିବେ । ପ୍ରତ୍ୟକ ଦିନ ପ୍ରଥମ ମ୍ୟାଚ ଅପରାହ୍ନ ୩ ଟା ବେଳେ ଓ, ଦ୍ୱିତୀୟ ମ୍ୟାଚ ସନ୍ଧ୍ୟା ୫ ଟାରେ ଫ୍ଲଡ ଲାଇଟ ରେ ଖେଳାଯିବ।

# ସନ୍ୟାସ ନେବା ଖେଳାଳିଙ୍କ ଅଧିକାର : କପିଲଦେବ



ନୂଆଦିଲ୍ଲୀ, ୨୪।୯: ବିରାଟ କୋହଲି ଏବଂ ରୋହିତ ଶର୍ମା ହେଉଛନ୍ତି ଏପରି ଖେଳାଳି, ଯେଉଁମାନଙ୍କର କୋଟି କୋଟି ଫ୍ୟାନ୍-ଫଲୋର୍ସ। ତେବେ ଖେଳିମାନଙ୍କ କ୍ୟାରିୟରକୁ ଆଗକୁ ବଢିବା ପାଇଁ ଫିଟନେସର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ।ପୂର୍ବତନ ବରିଷ୍ଠ ଖେଳାଳି କପିଲ ଦେବ ଏହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଏକ ଇଣ୍ଟରଭ୍ୟୁରେ କପିଲ ଦେବଙ୍କ କହିବାନୁଯାୟୀ, ଶରୀର ୨୬ ରୁ ୩୪ ବର୍ଷ ପର୍ଯ୍ୟନ୍ତ ଏହାର ଚାହିଦା ପୂରାଇଥାଏ।ସେ ଆହୁରି କହିଛନ୍ତି ଯେ, ୨୬ ରୁ ୩୪ ବର୍ଷ ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାପରେ ଖେଳାଳିଙ୍କ ଫିଟନେସ ସେମାନଙ୍କ ଲମ୍ବା କ୍ୟାରିୟରକୁ ସୂଚୀତ କରିଥାଏ। ଯୁବ ଖେଳାଳିଙ୍କୁ ନେଇ କପିଲ ଦେବ କହିଛନ୍ତି ଯେ, ସାଧାରଣ ଭାବେ ଅନ୍ତର୍ଜାତୀୟ କ୍ରିକେଟ ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ସକ୍ଷମ ହେବାକୁ ସମୟ ଲାଗିଥାଏ। ଅବସରକୁ ନେଇ ସେ କହିଛନ୍ତି ଯେ, ରବି ଶାସ୍ତ୍ରୀ ଖୁବଶିଘ୍ର ଅବସର ନେଇଥିଲେ, ହେଲେ ସଚିନ ତେନ୍ଦୁଲକର ବହୁ ସମୟ ପର୍ଯ୍ୟନ୍ତ ଖେଳିଥିଲେ । ପୂର୍ବତନ ବିଶ୍ୱକପ ବିଜେତାଙ୍କ କହିବାନୁଯାୟୀ, ନିଜ ଜୀବନର ଉପାୟ ଧାର୍ଯ୍ୟ କରିବା ବ୍ୟକ୍ତି ଉପରେ ନିର୍ଭର କରିଥାଏ। ମୋ ହିସାବରେ ଯେପର୍ଯ୍ୟନ୍ତ ଆପଣ ଫିଟ ଏବଂ ଖେଳର ଆନନ୍ଦ ନେଉଛନ୍ତି, ସେହି ପର୍ଯ୍ୟନ୍ତ ଖେଳିବା ଆବଶ୍ୟକ। ଏପରି ସେ ସନ୍ୟାସ ଏବଂ ଖେଳର ଅବଧିର ନିଷ୍ପତ୍ତି ପ୍ଲେୟାର୍ସଙ୍କ ଉପରେ ଛାଡିଦେବା କଥା କହିଛନ୍ତି।

# ଆଜିଠୁ ବାରିପଦାରେ ରାଜ୍ୟସ୍ତରୀୟ ସାହାଣୀ କପ୍

ବାରିପଦା, ୨୪।୯ :ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନ ଆନୁକୂଲ୍ୟରେ ତଥା ଓଡିଶା ଫୁଟବଲ ଏସୋସିଏସନର ସହଯୋଗରେ ଚଳିତ ମାସ ୨୫ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ୬୩ ତମ ରାଜ୍ୟ ସ୍ତରୀୟ ଆନ୍ତଃ ଜିଲ୍ଲା ଫୁଟବଲ ଚମ୍ପିୟାନସିପ ସାହାଣୀ କପ- ୨୦୨୪ ଅନୁଷ୍ଠିତ ହେବ. ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ବାରିପଦା ଷ୍ଟାଡିୟମ ସଭା କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ୪ ଟି ଜୋନରେ ଖେଳ ହେଉଥିବା ବେଳେ ବାରିପଦାରେ ବୌଦ୍ଧ, ମୟୁରଭଞ୍ଜ, ଭଦ୍ରକ, ଅନୁଗୁଳ, ବାଲେଶ୍ୱର, ଦେବଗଡ଼, ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ଖେଳିବେ ବୋଲି ଫୁଟବଲ ସମ୍ପାଦକ ପ୍ରକାଶ କରିଥିଲେ। ଏହି ଚମ୍ପିୟାନସିପ ସେପ୍ଟେମ୍ବର ୨୫ ତାରିଖଠାରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହ କ୍ୱାଟର ଫାଇନାଲ ଅକ୍ଟୋବର ୨, ସେମିଫାଇନାଲ ୪ ଓ ଫାଇନାଲ ୬ ତାରିଖରେ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି. ୧୮ ବର୍ଷ ତଳେ ବାରିପଦାରେ ଖେଳାଯାଇଥିବା ସାହାଣୀ କପରେ ମୟୁରଭଞ୍ଜ ରନର୍ସଅପ ହୋଇଥିବା




ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ ଓ ସୁବ୍ରମନିୟମ ମହାନ୍ତି, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କାଉନସିଲ ସଭ୍ୟ ତଥା ଓଡିଶା ଫୁଟବଲ ଏସୋସିଏସନର ଉପ ସଭାପତି ଅସିତ ପତି, ପ୍ରମୁଖ ଉପସ୍ଥିତ ରହି ୯ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଓଡିଶାର ଏ ବର୍ଷ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଅସିତ ପତି ପ୍ରକାଶ କରିଥିଲେ। ଏହି ସାହାଣୀ କପ ପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ତଥା ମ୍ୟୁନିସିପାଲିଟିର ସମସ୍ତ ସାହାଯ୍ୟ ସହଯୋଗ ମିଳିବା ସହିତ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ଫୁଟବଲ ସମ୍ପାଦକ ଅମର କୁମାର ସେଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପରିଚାଳନା କରିଥିଲେ।

# ଅଜବ ପ୍ରକାରରେ ଆଉଟ ହେଲେ ଆଫଗାନ ବ୍ୟାଟର୍

ଦୁବାଇ, ୨୪।୯: ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ। ସିରିଜରେ ବାଜିମାତ କରି ଆଫଗାନିସ୍ତାନ କ୍ରିକେଟ ଟିମ ବେଶ ଚର୍ଚ୍ଚାରେ ରହିଛି ପ୍ରଥମଥର ପାଇଁ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାକୁ ହରାଇ ଇତିହାସ ସୃଷ୍ଟି କରିଛି।୩ ଟିକିଆ ଦିନିକିଆ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଥିବା ଆଫଗାନିସ୍ତାନ ରବିବାର ଖେଳା ଯାଇଥିବା ଶେଷ ଦିନିକିଆରେ ହାରି ଯାଇଛି। ତଥାପି ଦଳ ୨-୧ରେ ସିରିଜ ଜିତିବାକୁ ସକ୍ଷମ ହୋଇଛି।

ତୃତୀୟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ମାତ୍ର ୧୬୯ ରନରେ ଦକ୍ଷିଣ ଆଫ୍ରିକା ଅଲଆଉଟ କରିବା ସହ ୧୭୦ ରନର ଟାର୍ଗେଟକୁ ୩ ୱିକେଟ ହରାଇ ହାସଲ କରି ନେଇଥିଲା ଏଥିସହ ଲଜ୍ଜାଜନକ ସିରିଜକ କ୍ଲିନସୁଇପରୁ ଦଳ ବର୍ତ୍ତି ଯାଇଛି।

ତେବେ ତୃତୀୟ ମ୍ୟାଚରେ ଆଫଗାନ ବ୍ୟାଟର ରହମତ ଶାହ ଅଜବ ପ୍ରକାରରର ଆଉଟ ହେବାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆଫଗାନିସ୍ତାନ ଇନିଂସର ୯ମ ଓଭରରେ ପୂରା ଘଟଣା ଘଟିଥିଲା।

ଷ୍ଟ୍ରାଇକରେ ଥିବା ଆଫଗାନର ରହମନୁଲ୍ଲା ଗୁରବାଜ ଦକ୍ଷିଣ ଆଫ୍ରିକାର ଲୁଙ୍ଗି ଏନଗିଡିଙ୍କ ଗୋଟିଏ ଫୁଲ ଲେନ୍ଥ ଡେଲିଭରୀକୁ ସିଧା ଖେଳିଥିଲେ ଏହାକୁ ଏନଗିଡି ଧରିବାକୁ ଚେଷ୍ଟା କରିଥିଲେ ହେଁ ବଲଟି କେବଳ ତାଙ୍କ ଅଙ୍ଗୁଳିରେ ବାଜିଥିଲା। ବଲ ତାଙ୍କ ଅଙ୍ଗୁଳିରେ ବାଜି ନନଷ୍ଟ୍ରାଇକରେ ଥିବା ରହମତଙ୍କ ଆଡ଼କୁ ଯାଇଥିଲା। ଏହି ସମୟରେ ସେ କ୍ରିଜ ଛାଡ଼ି ୧ ରନ ନେବାକୁ ଚେଷ୍ଟା କରୁଥିଲେ ବଲଟି ଏନଗିଡିଙ୍କ ଅଙ୍ଗୁଳିକୁ ସ୍ପର୍ଶ କରି ରହମତଙ୍କ ଦେହରେ ମାଡ଼ ହୋଇ ସିଧା ବୋଲିଂ ଏଣ୍ଡ କେଟରେ ବାଜିଥିଲା। ରହମତ କ୍ରିଜ ବାହାରେ ଥିବାରୁ ତାଙ୍କୁ ନିରାଶ ହୋଇ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲେ। ସେ ୬ ବଲରେ ୧ ରନ କରି ଆଉଟ ହୋଇଥିଲେ। ଏହି ଅଜବ ପ୍ରକାରର ଆଉଟ ହେବାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



## ହକି : କନିଷ୍ଠ ପୁରୁଷ ବର୍ଗର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ

ରାଉରକେଲା: କନିଷ୍ଠ ପୁରୁଷ ରାଜ୍ୟ ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ ହୋଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଓ ଝାରସୁଗୁଡ଼ା ମଧ୍ୟରେ ଖେଳାଯିବାକୁ ଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ(ରାଉରକେଲା) ଓ ଗାଙ୍ଗପୁର ହକି ଆସୋସିଏସନ ମଧ୍ୟରେ ଦ୍ୱିତୀୟ, ଓଏନ୍‌ଟିଏଚ୍‌ଏଚ୍‌ପିସି ଓ ଦେବଗଡ଼ ମଧ୍ୟରେ ତୃତୀୟ ଏବଂ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ମଧ୍ୟରେ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

ସୋମବାର ୮ଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା ଆର୍‌ଏସ୍‌ପି ୭-୦ ଗୋଲରେ ଅନୁଗୁଳକୁ ପରାସ୍ତକରି ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବାବେଳେ ଝାରସୁଗୁଡ଼ା ୨-୧ ଗୋଲରେ ଗଞ୍ଜାମକୁ, ଗାଙ୍ଗପୁର ହକି ଆସୋସିଏସନ ୬-୦ ଗୋଲରେ ଭୁବନେଶ୍ୱର ହକି କ୍ଲବକୁ ଓଏନ୍‌ଟିଏଚ୍‌ଏଚ୍‌ପିସି ୧୦-୦ ଗୋଲରେ ସମ୍ବଲପୁରକୁ, ଦେବଗଡ଼ ୬-୦ ଗୋଲରେ ନୟାଗଡ଼କୁ, ସୁନ୍ଦରଗଡ଼ ୬-୦ ଗୋଲରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀ, ପାନପୋଷ କ୍ରୀଡ଼ା ଛାତ୍ରାବାସ ୮-୧ ଗୋଲରେ ବଲାଙ୍ଗୀର ଓ ଖୋର୍ଦ୍ଧା ୫-୦ ଗୋଲରେ ଢ଼େଙ୍କାନାଳକୁ ପରାସ୍ତକରି କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଛନ୍ତି।

ସେହିଭଳି ବରିଷ୍ଠ ମହିଳା ରାଜ୍ୟ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମୋଟ୍ ୭ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ନୟାଗଡ଼ ୫-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ(ରାଉରକେଲା) ୮-୦ ଗୋଲରେ କେନ୍ଦ୍ରାପଡ଼ାକୁ, ଦେବଗଡ଼ ୬-୦ ଗୋଲରେ ରାୟଗଡ଼ାକୁ, ଓଡ଼ିଶା ସେକ୍ରେଟାରିଏଟ୍ ୫-୦ ଗୋଲରେ ଏସ୍‌ଏମ୍‌ଏସ୍ ହକି ଏକାଡେମୀକୁ, ଙ୍କୋନାଳ ୬-୦ ଗୋଲରେ ଗଜପତିକୁ, ଓଡ଼ିଶା ପୁଲିସ ୫-୦ ଗୋଲରେ କୋରାପୁଟକୁ ଓ ଗାଙ୍ଗପୁର ହକି ଆସୋସିଏସନ ୭-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

## ଡିସକସ ଥ୍ରୋରେ ଜାତୀୟସ୍ତରକୁ ଉନ୍ନୀତ ହେଲେ ତୃଷ୍ଣା ବେହେରା

ବଲାଙ୍ଗିର, ୨୪।୯: ଟିଟିଲାଗଡ଼ ସହରର ଅଗ୍ରଣୀ ସ୍କୁଲ ଭିତରୁ ପ୍ରଭାବତୀ ପବ୍ଲିକ ସ୍କୁଲ ଅନ୍ୟତମ । ଏହି ସ୍କୁଲରେ ପଢୁଥିବା ଛାତ୍ରୀ ତୃଷ୍ଣା ବେହେରା ଭୁବନେଶ୍ୱର କୀଟସ ଇଣ୍ଟର ନେସନାଲ ସ୍କୁଲ ଠାରେ ଆୟୋଜିତ ୧୭ ବର୍ଷରୁ କମ ବୟସ୍କ ରାଜ୍ୟସ୍ତରୀୟ ଡିସକସ ଥ୍ରୋ ପ୍ରତିଯୋଗିତାରେ ସିଲଭର ମେଡାଲ ହାସଲ କରିଛନ୍ତି । ଏଠାରେ ଭଲ ପ୍ରଦର୍ଶନ କରିଥିବା ଯୋଗୁଁ ସେ ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତା ହାସଲ କରିଥିବା ଯୋଗୁଁ ପିତା ପ୍ରଶାନ୍ତ ବେହେରା, ମାତା ସୁସ୍ମିତା ବେହେରା, ସ୍କୁଲ ଅଧକ୍ଷା ଡଃ. ସୁନନ୍ଦା ଜଟି, ସ୍କୁଲ ଉପାଧକ୍ଷ ପିତାମ୍ବର ଶର୍ମା, ଏକାଡେମିକ ଡ଼ାଇରେକ୍ଟର ଏଡ୍‌ମିନ ଧରିତ୍ରୀ ମହାନ୍ତି ଓ ସ୍କୁଲର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ତୃଷ୍ଣାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତୋରତର ଉନ୍ନତି କାମନା କରିଛନ୍ତି । ଜାତୀୟସ୍ତରର ପ୍ରତିଯୋଗିତା ବାରାନାସି ଠାରେ ଅନୁଷ୍ଠିତ ହେବ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ